# ଗ୍ରୀନ୍, ୟେଲୋକୁ ଟପି ଅରେଞ୍ଜ ଜୋନ୍‌ରେ କେନ୍ଦ୍ରାପଡ଼ା

- ଜଳ ସହ ବାୟୁ ପ୍ରଦୂଷଣ ବଢ଼ୁଛି
- ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ପରିବେଶବିତ୍‌ଙ୍କ ଦାବି

କେନ୍ଦ୍ରାପଡ଼ା ଅଫିସ, ୧୦।୧୧



କେନ୍ଦ୍ରାପଡ଼ା ସହରର ସକାଳର ଦୃଶ୍ୟ ।




କେନ୍ଦ୍ରାପଡ଼ାର ଏୟାର କ୍ୱାଲିଟି ଇଣ୍ଡେକ୍ସ ସକାଳ ସାଢ଼େ ୫ଟା, ପୂର୍ବାହ୍ନ ସାଢ଼େ ୯ଟାର ସ୍ଥିତି ।

କେନ୍ଦ୍ରାପଡ଼ା ଜିଲାରେ ଦିନକୁଦିନ ବାୟୁ ପ୍ରଦୂଷଣ ବଢ଼ି ଚାଲିଛି। ବାୟୁ ଗୁଣବତ୍ତା ସୂଚୀର ୨୨୫କୁ ଛୁଇଁ ଏକ ଉଦ୍‌ବେଗଜନକ ପରିସ୍ଥିତି ସୃଷ୍ଟି କରିଛି। ଏହି ଜିଲାରେ ଖଣି ନାହିଁ। ଶିଳ୍ପ ଅଦ୍ୟାବଧି ପ୍ରତିଷ୍ଠା ହୋଇ ନ ଥିବା ବେଳେ ରେଳରୁ ଧୂଆଁ ବାହାରୁ ନାହିଁ। ଏହାସତ୍ତ୍ୱେ ପ୍ରତିବର୍ଷ ବାୟୁ ପ୍ରଦୂଷଣକୁ ନେଇ ହେଉଥିବା ସର୍ଭେ ଚିନ୍ତାର କାରଣ ସାଜିଛି। ଆକ୍ୟୁୱେଦର ଡଟ କମ ସର୍ଭେ ଅନୁଯାୟୀ, କେନ୍ଦ୍ରାପଡ଼ାର ଏୟାର କ୍ୱାଲିଟି ଇଣ୍ଡେକ୍ସ (ଏକ୍ୟୁଆଇ) ସକାଳ ସାଢେ ୫ଟାରେ ୨୧୫ ଓ ପୂର୍ବାହ୍ନ ସାଢେ ୯ଟାରେ ୨୨୫ ପଏଣ୍ଟ ହୋଇ ଗ୍ରୀନ, ୟେଲୋକୁ ଟପି ଅରେଞ୍ଜ ଜୋନରେ ପହଞ୍ଚି ଥିଲା। ଏଠାରେ ଏୟାର ପାର୍ଟିକୁଲେଟ ମ୍ୟାଟର (ପିଏମ୍) ୧୦ ଓ ପିଏମ୍ ୨.୫ ସ୍ତର ଅଧିକ ହେବାରେ ଲାଗିଛି। ଫଳରେ ସ୍ୱାସ୍ଥ୍ୟଗତ ସମସ୍ୟା ଲାଗି ରହିବ ବୋଲି ଏଠାରେ ସତର୍କ ସୂଚନା ଦିଆଯାଇଛି। ଜଳ ସହିତ ବାୟୁ ପ୍ରଦୂଷଣର ତୁରନ୍ତ ନିୟନ୍ତ୍ରଣ ନ ହେଲେ ଏକ୍ୟୁଆଇ ବଢ଼ି ରେଡ ଜୋନରେ ରହିବ ବୋଲି ପରିବେଶବିତ୍‌ମାନେ ଆଶଙ୍କା ପ୍ରକଟ କରିଛନ୍ତି।

ଏ ସମ୍ପର୍କରେ ଡା. ବୀରେନ୍ଦ୍ର କୁମାର ଦାସ, ଅଧ୍ୟାପକ ଭୁବନ ମୋହନ ଜେନା, ଅଧ୍ୟାପକ କ୍ଷିତୀଶ କୁମାର ସିଂହ, ପରିବେଶବିତ୍ ହେମନ୍ତ କୁମାର ରାଉତ, ଅଶୋକ କୁମାର ସ୍ୱାଇଁ ପ୍ରମୁଖ କହିଛନ୍ତି, ଶିଳ୍ପ ବିହୀନ କେନ୍ଦ୍ରପଡ଼ା ଜିଲାର ଜଳ ଓ ବାୟୁକୁ ଶିଳ୍ପ ପ୍ରଦୂଷିତ କରୁଛି। ସେହିପରି ପ୍ଲାଷ୍ଟିକ ପ୍ରଦୂଷଣ ବିଶ୍ୱତାପନକୁ ବୃଦ୍ଧି କରୁଛି। ଏୟାର କ୍ୱାଲିଟି ଇଣ୍ଡେକ୍ସ (ଏକ୍ୟୁଆଇ) ଶୂନରୁ ୫୦ ମଧ୍ୟରେ ରହିଲେ ସର୍ବୋତ୍ତମ ଭାବେ ଧରାଯାଇ ଗ୍ରୀନ ଜୋନରେ ରଖାଯାଏ। ଏହି ଅଞ୍ଚଳରେ ବାୟୁ ପ୍ରଦୂଷଣ ନ ଥିବାରୁ ସ୍ୱାସ୍ଥ୍ୟ ସମସ୍ୟାର ଆଶଙ୍କା ନ ଥାଏ। ଏକ୍ୟୁଆଇ ୫୧ରୁ ୧୦୦ ମଧ୍ୟରେ ରହିଲେ ସାଟିସଫାକ୍ଟୋରି ଜୋନ ଓ ୧୦୧ରୁ ୨୦୦ ମଧ୍ୟରେ ରହିଲେ ମଡରେଟଲି ପଲ୍ୟୁଟେଡ ବା ୟେଲୋ ଜୋନ ମଧ୍ୟରେ ରଖାଯାଇଥାଏ। ଏହାପରେ ଅରେଞ୍ଜ ଜୋନ ଅଞ୍ଚଳ ରହୁଥିବାରୁ ବାହାର ଚଳାଚଳ ଉପରେ ସତର୍କତା ଅବଲମ୍ବନ କରିବାକୁ ପଡିଥାଏ। ୟେଲୋ ଜୋନ ଅଧୀନରେ ଥିବା ଅଧିବାସୀ ସାଧାରଣ ସୁସ୍ଥ ଲୋକ ମଧ୍ୟ ଚର୍ମ, ଆଜମା, ଟିବି, କିଡନୀ, ଲିଭର, କ୍ୟାନସର ଆଦି ରୋଗଗ୍ରସ୍ତ ହେବା ସମ୍ଭାବନା ଅଧିକ। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ୨୦୨୧ ରିପୋର୍ଟରେ ରାଜ୍ୟର କେତେଗୋଟି ଶିଳ୍ପାଞ୍ଚଳ ସହିତ କେନ୍ଦ୍ରାପଡ଼ାର ବାୟୁମଣ୍ଡଳକୁ ନିରୀକ୍ଷଣ କରାଯାଇଥିଲା। ଏଥିରେ କେନ୍ଦ୍ରାପଡ଼ାର ବାୟୁ ପ୍ରଦୂଷଣ ଦ୍ରୁତ ବେଗରେ ବଢୁଥିବା ରିପୋର୍ଟ ଆସିଛି। ଏହି ଜିଲାରେ ପ୍ରଦୂଷଣ ପାଇଁ କୌଣସି କାର୍ଯ୍ୟ ହେଉ ନ ଥିବା ବେଳେ ପଡୋଶୀ ଜିଲାର ଶିଳ୍ପ ଏହାକୁ ପ୍ରଦୂଷିତ କରୁଛି। ବ୍ରାହ୍ମଣୀ ଓ ମହାନଦୀ କୂଳରେ ଥିବା ଶିଳ୍ପାଞ୍ଚଳର ବର୍ଜ୍ୟବସ୍ତୁ ଜଳରେ ପ୍ରବାହିତ ହୋଇ କେନ୍ଦ୍ରାପଡ଼ା ମଧ୍ୟ ଦେଇ ସମୁଦ୍ରରେ ମିଶୁଛି। ସେହିପରି ଜିଲାର ଅତି ନିକଟରେ ଥିବା ଜଗତ୍‌ସିଂହପୁର, ଯାଜପୁର, କଟକ ଜିଲାର ଶିଳ୍ପରୁ ନିର୍ଗତ ରାସାୟନିକ ବାଷ୍ପ, ଧୂଆଁ, ନିର୍ଗତ ଧୂଳି ଆଦି କେନ୍ଦ୍ରାପଡ଼ାକୁ ଭାସି ଆସି ବାୟୁ ପ୍ରଦୂଷଣକୁ ବଢ଼ାଉଛି। ଏହି ବିଷାକ୍ତ ଜଳ ଓ ବାୟୁ ସାଧାରଣ ଜନଜୀବନକୁ ରୋଗଗ୍ରସ୍ତ କରୁଥିବା ବେଳେ ଚାଷ ପ୍ରଭାବିତ ହେଉଛି। ସେହିପରି ଭିତରକନିକା, ଜୈବ ବିବିଧତା, ବନ୍ୟ ଓ ସାମୁଦ୍ରିକ ପ୍ରାଣୀକୁ ନଷ୍ଟ କରୁଛି। ଏପରି କି ଭୂତଳ ଜଳରେ ନାଇଟ୍ରେଟ, ଆଇରନ, ଫ୍ଲୋରାଇଡ ଅଧିକ ପରିମାଣରେ ଥିବା ଗତ ମାର୍ଚ୍ଚ ମାସରେ ସେଣ୍ଟ୍ରାଲ ପଲ୍ୟୁସନ କଣ୍ଟ୍ରୋଲ ବୋର୍ଡ ରିପୋର୍ଟ ପ୍ରଦାନ କରିଛନ୍ତି। ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରୁ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ବାହାର କରିବା ସହ ବ୍ୟାପକ ଜଙ୍ଗଲ ସୃଷ୍ଟି ପାଇଁ ପରିବେଶବିତ୍‌ମାନେ ମତ ଦେଇଛନ୍ତି।

# ହର୍ବାଲ ଗାର୍ଡେନ କାର୍ଯ୍ୟ ଶୀଘ୍ର ସାରିବାକୁ ନିର୍ଦ୍ଦେଶ

କଳିଆପାଣି,୧୦।୧୧(ଡି.ଏନ.ଏ.)

ସୁକିନ୍ଦା ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଦ୍ୱାରା ନିର୍ମାଣ ହେଉଥିବା ଇକୋ ପାର୍କ, ହର୍ବାଲ ଗାର୍ଡେନର କାର୍ଯ୍ୟ ଅଗ୍ରଗତି ଉପରେ କଲରଙ୍ଗୀଠାରେ ସମୀକ୍ଷା କରାଯାଇଛି। ସୁକିନ୍ଦା ବିଧାୟକ ତଥା ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ ଯୋଗଦେଇ ସୁକିନ୍ଦାର ମଙ୍ଗଳପୁର, ଡୁବୁରୀ, ଟମକା ଓ କାଳିଆପାଣିଠାରେ ଡିଏମ୍‌ଏଫ୍ ପାଣ୍ଠିରେ ନିର୍ମାଣ ହେଉଥିବା ଇକୋ ପାର୍କ, ହର୍ବାଲ ପାର୍କ ଓ ଇକୋ ଡାଇଭରସିଟି ପାର୍କ କାର୍ଯ୍ୟ ସମୀକ୍ଷା କରିଛନ୍ତି। ତେବେ କାର୍ଯ୍ୟ ଅଗ୍ରଗତି ମନ୍ଥର ଗତିରେ ଚାଲୁଥିବାରୁ ସେ ବିରକ୍ତି ପ୍ରକାଶ କରିଛନ୍ତି। ଏଥିସହିତ ଶୀଘ୍ର କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

କଲରଙ୍ଗୀଠାରେ ନିର୍ମାଣାଧୀନ ପାର୍କଠାରେ ଆୟୋଜିତ ସମୀକ୍ଷା ବୈଠକରେ ଆଠଗଡ଼ ଡିଏଫ୍‌ଓ ସଞ୍ଜୟ କୁମାର ସିଂହ ଯୋଗଦେଇ ଆସନ୍ତା ମାର୍ଚ୍ଚ ଶେଷ ସୁଦ୍ଧା ସମସ୍ତ ପ୍ରକଳ୍ପ ଶେଷ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଉପସ୍ଥିତ ଜନପ୍ରତିନିଧିମାନେ ଜଙ୍ଗଲ ଜମି ପାଇଁ ପଞ୍ଚାୟତର ଉନ୍ନୟନ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ବୋଲି ମନ୍ତ୍ରୀଙ୍କ ନିକଟରେ ଫେରାଦ ହୋଇଥିଲେ। ତେବେ ପଲ୍ଲିସଭା ମାଧ୍ୟମରେ ସମସ୍ତ ପ୍ରସ୍ତାବ ପଠାଇଲା ପରେ ଡିଏଫ୍‌ଓ ସେଗୁଡ଼ିକ ତର୍ଜମା କରି ଅନୁମୋଦନ କରିବେ ବୋଲି ମନ୍ତ୍ରୀ ଡିଏଫ୍‌ଓଙ୍କୁ ଅନୁରୋଧ କରିବା ସହ ସମସ୍ତ ପ୍ରକଳ୍ପର ସୌନ୍ଦର୍ଯ୍ୟକରଣକୁ ଉଚ୍ଚକୋଟିର କରିବାକୁ ପ୍ରସ୍ତାବ ଦେଇଥିଲେ। କାର୍ଯ୍ୟକ୍ରମରେ ସୁକିନ୍ଦା ରେଞ୍ଜର ବିପିନ ବିହାରୀ ରାଉତରାୟ, ଟମକା ରେଞ୍ଜର ବଳରାମ ଦାସ, ଫରେଷ୍ଟର ନରେଶ ଟୁଡୁ ପ୍ରମୁଖ ଉପସ୍ଥିତ ଥିଲେ। ସ୍ଥାନୀୟ ଅଞ୍ଚଳର ଜନପ୍ରତିନିଧି, ଶ୍ରମିକ ସଂଘ ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଧୀର, ଯୁଗ୍ମ ସମ୍ପାଦକ ଭରତ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ସୁକିନ୍ଦା ବ୍ଲକ ପୂର୍ବତନ ଅଧ୍ୟକ୍ଷା ଭାଗବତୀ ମହାନ୍ତ ଧନ୍ୟବାଦ ଦେଇଥିଲେ।

# ସ୍ଥାନାନ୍ତର ହେଲା ପାଣିକୋଇଲି ଟୋଲ୍ ପ୍ଲାଜା



ଯାଜପୁର ଅଫିସ,୧୦।୧୧

ଏନଏଚ୍‌ଏଆଇ (ନ୍ୟାଶନାଲ ହାଇୱେ ଅଥରିଟି ଅଫ୍ ଇଣ୍ଡିଆ) ଓ ଜିଲା ପ୍ରଶାସନ ମଧ୍ୟରେ ଆଲୋଚନା ପରେ ଯାଜପୁର ଜିଲା ଦେଇ ଯାଇଥିବା ୧୬ନଂ.ଜାତୀୟ ରାଜପଥର ପାଣିକୋଇଲି ଟୋଲ ପ୍ଲାଜା ସ୍ଥାନାନ୍ତର ହୋଇଛି। ବୁଧବାର ପୂର୍ବାହ୍ନ ୮ଟାରୁ ଭଦ୍ରକ-ଯାଜପୁର ସୀମାନ୍ତ ନେଉଳିଆ ଛକରେ ନବନିର୍ମିତ ଟୋଲପ୍ଲାଜାରେ ଟୋଲ ଆଦାୟ ଆରମ୍ଭ ହୋଇଛି।

ଏହି ଜାତୀୟ ରାଜପଥର ବନ୍ଧାଲୋଠାରୁ ୪୭ କିମି ଦୂରତାରେ ଥିବା ପାଣିକୋଇଲି ଟୋଲପ୍ଲାଜା ବେଆଇନ ଭାବେ ଦର୍ଶାଇ ଦୀର୍ଘଦିନ ହେଲା ଅଞ୍ଚଳବାସୀ ଅଭିଯୋଗ କରି ଆସୁଥିଲେ। ଏହାର ସମୟ ଅବଧି ପୂରିବା ପରେ ମଧ୍ୟ ସ୍ଥାନାନ୍ତର ହେଉ ନ ଥିଲା। ଏହାକୁ ନେଇ ପାଣିକୋଇଲି ମା' ତାରିଣୀ ଟ୍ରକ ମାଲିକ ସଂଘ, ଯାଜପୁର ରୋଡ ଚ୍ୟାମ୍ବର ଅଫ୍ କମର୍ସ ଓ ସାଧାରଣ ଲୋକେ ବାରମ୍ବାର ପ୍ରଶାସନ ନିକଟରେ ଦାବି କରି ଆସୁଥିଲେ। ଗତ ବର୍ଷ ଟୋଲ ପ୍ଲାଜା ଉଠିବାକୁ ନିଷ୍ପତ୍ତି ହୋଇଥିବାବେଳେ ଓଲଟା ଟୋଲ ଆଦାୟକୁ ୨ଗୁଣ ବୃଦ୍ଧି କରାଯାଇଥିଲା। ଏନଏଚ୍‌ଏଆଇର ଗାଇଡ୍‌ଲାଇନ ଅନୁଯାୟୀ ଗୋଟିଏ ଟୋଲଗେଟରୁ ଅନ୍ୟ ଟୋଲଗେଟର ଦୂରତା ଅତିକମରେ ୬୦ କିଲୋମିଟର ହେବା ଆବଶ୍ୟକ । କିନ୍ତୁ ପାଣିକୋଇଲି ଟୋଲପ୍ଲାଜାଠାରୁ ବନ୍ଧାଲୋ ଟୋଲ ପ୍ଲାଜାର ଦୂରତା ୪୭ କିମି ରହିଥିଲା। ଏଣୁ ରାଜ୍ୟ ପରିବହନ କମିଶନର ତାଙ୍କ ପତ୍ରସଂଖ୍ୟା ୧୧୦୬୩/୧୯।୭।୨୦୧୬ରେ ୱାର୍କସ ସେକ୍ରେଟାରୀଙ୍କୁ ପତ୍ର ଲେଖି ପାଣିକୋଇଲି ଟୋଲପ୍ଲାଜାକୁ ଆଖୁଆପଦା ନିକଟକୁ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ଅନୁସାରେ କେବଳ ପାଣିକୋଇଲି ଟୋଲପ୍ଲାଜାକୁ ସ୍ଥାନାନ୍ତର କରିବାକୁ ଏନଏଚ୍‌ଏଆଇକୁ ୬ ବର୍ଷ ଲାଗିଛି। ଏଥିରେ ନିୟୋଜିତ ଠିକାସଂସ୍ଥାର କାର୍ଯ୍ୟ ଅବଧି ଶେଷ ହେଉଥିଲେ ହେଁ ୨ରୁ୩ ମାସ ପର୍ଯ୍ୟନ୍ତ ବେଆଇନ ଟୋଲ ଆଦାୟ ହୋଇଥିବା ଅଭିଯୋଗ ହୋଇଥିଲା। ଏହି ଟୋଲପ୍ଲାଜା ଉଠିଯିବା ପରେ କେନ୍ଦୁଝର ଏବଂ ସୁକିନ୍ଦା ଖଣି ଅଞ୍ଚଳରୁ ପାରାଦୀପ ଏବଂ ଅନ୍ୟାନ୍ୟ ଅଞ୍ଚଳକୁ ପରିବହନ ହେଉଥିବା ଗାଡ଼ି ମାଲିକମାନେ ଅଶ୍ୱସ୍ତି ହୋଇଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଖୋକନ



@ ଲିପ୍ସାରାଣୀ



@ ରଞ୍ଜନ



@ ଶ୍ରୀନିବାସ



@ ତପନ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ରାଜପଥର ମାର୍ଗ ପରିବର୍ତ୍ତନ ଦାବିରେ ବିକ୍ଷୋଭ



ତହସିଲଦାରଙ୍କୁ ନାଉଗାଁ ବ୍ଲକର ଚାଷୀମାନେ ରାଜପଥର ମାର୍ଗ ପରିବର୍ତ୍ତନ ଲାଗି ଦାବିପତ୍ର ଦେଉଛନ୍ତି।

## ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ

ନାଉଗାଁ,୧୦।୧୧(ସ୍ୱ.ପ୍ର.)

ସାଗରମାଳା ପ୍ରକଳ୍ପ ଯୋଜନାରେ ହେବାକୁ ଯିବା ରାମେଶ୍ୱର-ରତନପୁର ରାଜପଥ ପାଇଁ ତହସିଲ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ପଥ ପରିବର୍ତ୍ତନ ପାଇଁ ଗୁରୁବାର ନାଉଗାଁ ବ୍ଲକର ଚାଷୀମାନେ ଦାବି କରିଛନ୍ତି। ଏନେଇ ବ୍ଲକ ଅନ୍ତର୍ଗତ ଡାବର,କୋରୁଅ, ଓଷକଣା ପଞ୍ଚାୟତର କୃଷକମାନେ ତହସିଲ କାର୍ଯ୍ୟାଳୟରେ ପହଞ୍ଚି ବିକ୍ଷୋଭ କରିଛନ୍ତି। ପରେ ତହସିଲଦାର ଜେ.କଳ୍ପନାଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ରାଜପଥ ଏହି ପଞ୍ଚାୟତ ଦେଇ ଗଲେ ଅନେକ ଚାଷୀ ବାସହରା ହେବା ସହ ଜୀବନ ଜୀବିକା ହରାଇବାର ଆଶଙ୍କା ରହିଛି। ଉକ୍ତ ପଞ୍ଚାୟତର ଭୌଗୋଳିକ ସ୍ଥିତି ଅନୁସାରେ, ଡାବର ଗ୍ରାମ ଦେଇ ଅଳକା ନଦୀ ପ୍ରବାହିତ ହେଉଛି। ଗ୍ରାମର ଦକ୍ଷିଣ ଓ ପଶ୍ଚିମରେ କେନାଲ ରହିଛି। ନଦୀ ବନ୍ଧ ଓ କେନାଲ ବନ୍ଧ ସମ୍ପ୍ରସାରଣ ପାଇଁ ଉକ୍ତ ଗ୍ରାମର ବହୁ ଚାଷି ପୂର୍ବରୁ ଚାଷ ଜମି ହରାଇଛନ୍ତି।

ସେହିପରି ତେଲସରା ଗ୍ରାମର ଉତ୍ତରରେ ବାଉଁଶ ଯୋଡି ନାଳ ଥିବା ବେଳେ ପୂର୍ବରେ ପୂର୍ତ୍ତ ବିଭାଗ ରାସ୍ତାଯାଇଛି। ଏହାର ଦକ୍ଷିଣ ପାର୍ଶ୍ୱରେ ବହୁ ଚାଷଜମି, ବାସଗୃହ ଓ ରାସ୍ତା ଦେବୀ ନଦୀ ଗର୍ଭରେ ଲିନ ହୋଇଯାଇଛି। ଏହି ନଦୀ ଗାରୋଇ ଗ୍ରାମ ଦେଇ ପ୍ରବାହିତ ହୋଇଥିବା ବେଳେ ଗ୍ରାମର ପୂର୍ବରେ ଗୋବରୀ ନାଳ ଓ ପଶ୍ଚିମରେ ରାଜରାସ୍ତା ରହିଛି। ଫଳରେ ଉକ୍ତ ଗ୍ରାମ ପୂର୍ବରୁ ଅନେକ ଚାଷ ଜମି ହରାଇଛି। ଓଷକଣା ଗ୍ରାମର ଶତକଡା ୭୫ ଭାଗ ଚାଷ ଜମି ଦକ୍ଷିଣରେ ପ୍ରବାହିତ ଦେବୀ ନଦୀରେ ଲିନ ହୋଇଯାଇଛି। ରାଜପଥ ଏହି ବାଟରେ ଗଲେ ଏସବୁ ଗ୍ରାମରେ ଏବେ ଥିବା ସ୍ୱଳ୍ପ ଚାଷ ଜମି ଓ ବାସ ଗୃହ ଚାଲିଯିବାର ଆଶଙ୍କା ରହିଛି। ଏହାଦ୍ୱାରା ବହୁ ଚାଷୀ ସେମାନଙ୍କ ଜୀବିକା ହରାଇବେ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏହାର ନକଲ ଜଗତ୍‌ସିଂହପୁର ଏମ୍‌ପି ,ବିଧାୟକ, ଜିଲାପାଳ ଓ ଜାତୀୟ ରାଜପଥ ଅଧିକାରୀଙ୍କୁ ଅବଗତି ନିମନ୍ତେ ପଠାଯାଇଛି। କୃଷକ ମଞ୍ଚ ପକ୍ଷରୁ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଏହି ବିକ୍ଷୋଭ କରାଯାଇଥିଲା। ଏହି ସମୟରେ ପଞ୍ଚାୟତର ଗୌରାଙ୍ଗ ଚରଣ ଦାସ, ଶିବ ପ୍ରସାଦ ପରିଡା, ନାରାୟଣ ସ୍ୱାଇଁ, ବିଜୟ ବେହେରା, ରଞ୍ଜନ ବିଶ୍ୱାଳ ଓ ଶିବ ପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଗହଳି ସହ ଜୁଲମ ବଢୁଛି

## କଳିଙ୍ଗ ବାଲିଯାତ୍ରାର ଚତୁର୍ଥ ସନ୍ଧ୍ୟା

ପାରାଦୀପ,୧୦।୧୧(ସ୍ୱ.ପ୍ର.)

ପାରାଦୀପର ସମୁଦ୍ର ବେଳାଭୂମିରେ ଚାଲିଥିବା କଳିଙ୍ଗ ବାଲିଯାତ୍ରା ମହୋତ୍ସବ ଗୁରୁବାର ଚତୁର୍ଥ ଦିନରେ ପହଞ୍ଚିଛି। ଅନୁକୂଳ ପାଗ ଯୋଗୁ ଗହଳି ବଢ଼ିଛି। ସେହି ଅନୁପାତରେ କେତେକ ସ୍ଥାନରେ ଦର୍ଶକଙ୍କୁ ଜୁଲମ ସହିବାକୁ ପଡୁଛି। ବାଲିଯାତ୍ରାରେ ସାଇକେଲ ଷ୍ଟାଣ୍ଡ ନେଇଥିବା ପିଲାମାନେ ଲୋକଙ୍କୁ ହଇରାଣ କରୁଥିବା ଅଭିଯୋଗ ହୋଇଛି। ଏପରି କି ଓମ୍‌ଫେଡ କ୍ଷୀର ଗାଡିକୁ ମଧ୍ୟ ଛାଡୁନାହାନ୍ତି ବୋଲି ଗାଡି ଚାଳକ କାବୁ ମହାନ୍ତି କହିଛନ୍ତି।

ସୂଚନାଯୋଗ୍ୟ ବାଲିଯାତ୍ରା ପାଇଁ ୫ଟି ସ୍ଥାନରେ ସ୍ଥାନ ନିରୂପଣ କରାଯାଇଛି। ନୂଆବଜାର ଫକୀର ମୋହନ ପାଠାଗାର ପାଖ, ବେଳାଭୂମି ରାସ୍ତାର ହନୁମାନ ମନ୍ଦିର ପଟ ଓ ଷଣ୍ଢକୁଦ ପଟ, ହୋଟେଲ ଛକ, ରିକ୍ରେସନ କ୍ଲବ ପରିସର ହୋଇଛି। ଏଥିପାଇଁ ଚଳିତବର୍ଷ ଟେଣ୍ଡରରେ ୫ ଟି ସଙ୍ଗଠନ ଷ୍ଟାଣ୍ଡ ନେଇଛନ୍ତି। ଏଥିପାଇଁ ବାଲିଯାତ୍ରା କମିଟି ୩ ଲକ୍ଷ ୨୭ ହଜାର ଟଙ୍କା ପାଇଥିବା ଜଣାପଡିଛି। କିନ୍ତୁ ଷ୍ଟାଣ୍ଡ ନେଇଥିବା ସ୍ଥାନରେ ଅପରାହ୍ନ ୪ଟା ପରେ ରାସ୍ତା ଅବରୋଧ କରିବା ବଦଳରେ ୨ଟାଠାରୁ ତାହା କରାଯାଉଛି। ଯେଉଁଥିପାଇଁ ଷ୍ଟାଣ୍ଡ ପାଖରେ ପାଟିତୁଣ୍ଡ, ଗାଡି ଚାବି ଛଡାଇବା, ପମ୍ପଚର କରିବା ଭଳି ଘଟଣା ଘଟୁଛି।

### ମଞ୍ଚରେ କୁନି ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ

ବାଲିଯାତ୍ରା ମଞ୍ଚରେ ଅପରାହ୍ନ ୪ଟା ଠାରୁ ସନ୍ଧ୍ୟା ୮ ଟା ପର୍ଯ୍ୟନ୍ତ ସ୍ଥାନୀୟ କଳାକାର ଗ୍ରୁପ ଦାରା କାର୍ଯ୍ୟକ୍ରମ ହେଉଛି। ପରେ କେତେକ ପ୍ରତିଷ୍ଠିତ କଳାକାର ସଙ୍ଗଠନ ଦ୍ୱାରା କାର୍ଯ୍ୟକ୍ରମ ହେଉଛି। ଗୁରୁବାର ବିଭିନ୍ନ ସ୍କୁଲ କାର୍ଯ୍ୟକ୍ରମ ପରେ ଛଉନୃତ୍ୟ ଓ ମେଲୋଡି ହୋଇଛି।

### ପଲ୍ଲିଶ୍ରୀ ମେଳାରେ ଅଧିକ ଭିଡ଼

ପଲ୍ଲିଶ୍ରୀ ମେଳା ଭିତରେ ଚଳିତବର୍ଷ ୧୬୦ଷ୍ଟଲ ସହ ଖୋଲାରେ କେତେକ ବେପାରୀ ବସିଛନ୍ତି। ସେଥିରେ ହସ୍ତଶିଳ୍ପ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ, କନ୍ଧମାଳ ହଳଦୀ, ମୟୂରଭଞ୍ଜ ମସଲା, ସମ୍ବଲପୁରୀ ବସ୍ତ୍ର ଆଦି ପାଖରେ ଅଧିକ ଭିଡ ହୋଇଛି। ଚଳିତବର୍ଷ ବାଲିଯାତ୍ରାରେ ଲୋକେ ଅଧିକ ହାତ ତିଆରି ମସଲା ସାମଗ୍ରୀ କିଣୁଛନ୍ତି ବୋଲି ଓରମାସ ସିଇଓ ସତ୍ୟ ଶିବ ସୁନ୍ଦର ଶିବରାମ ପାଇଟାଳ କହିଛନ୍ତି।

### ଅଲୋଡା ହେଲେ କୁଜଙ୍ଗ ତହସିଲ ଅଧିକାରୀ, କର୍ମଚାରୀ

୧୯୯୨ରୁ ୨୦୧୯ ପର୍ଯ୍ୟନ୍ତ କଳିଙ୍ଗ ବାଲିଯାତ୍ରାରେ କୁଜଙ୍ଗ ତହସିଲ କାର୍ଯ୍ୟାଳୟ ପ୍ରତ୍ୟେକ୍ଷ ଭାବେ ଜଡ଼ିତ ଥିଲେ। ଏପରି କି ଆୟ ବ୍ୟୟଠାରୁ ଆରମ୍ଭ କରି ମଞ୍ଚ ପରିଚାଳନା ପର୍ଯ୍ୟନ୍ତ ସବୁକଥା ବୁଝୁଥିଲେ। ଚଳିତବର୍ଷ ବାଲିଯାତ୍ରା କମିଟି କାର୍ଯ୍ୟକ୍ରମ ତାଲିକାରେ ତହସିଲ କର୍ମଚାରୀ କିମ୍ବା ଅଧିକାରୀ ନାହାନ୍ତି ବୋଲି ଜଣାପଡିଛି। କେତେକ କିରାଣି ସ୍ତରୀୟ କର୍ମଚାରୀଙ୍କ ମଧ୍ୟରେ ଏହାକୁ ନେଇ ଚର୍ଚ୍ଚା ହେଉଛି।

### ସମୁଦ୍ର ଭିତରକୁ ଯିବାରେ କଟକଣା

ବାଲିଯାତ୍ରାର ସମସ୍ତ କାର୍ଯ୍ୟକ୍ରମ ସମୁଦ୍ର କୂଳରେ ହେଉଛି। ସମୁଦ୍ର ପାଣିରେ ଅଧିକ କରେଣ୍ଟ ରହୁଥିବାରୁ ପ୍ରାୟତଃ ଅଘଟଣ ଘଟିଥାଏ। ବାଲିଯାତ୍ରାରେ ଅଧିକ ଲୋକ ସମାଗମ ହେଉଛି। ଏହା ମଧ୍ୟରେ ପାଣିରେ ଗାଧେଇବା ସାଧାରଣ କଥା। ସମ୍ଭାବ୍ୟ ବିପଦକୁ ଏଡାଇବା ପାଇଁ ଚଳିତବର୍ଷ କଟକଣା ଜାରି କରାଯାଇଛି। ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା, ସିସିଟିଭି ଓ ଘରୋଇ ସଙ୍ଗଠନ ଜରିଆରେ ପହରା ଦିଆଯାଇଛି ବୋଲି କମିଟି ଉପାଧ୍ୟକ୍ଷ କାହ୍ନୁଚରଣ ଧିର କହିଛନ୍ତି।



କଳିଙ୍ଗ ବାଲିଯାତ୍ରାର ୪ର୍ଥ ଦିବସରେ ପ୍ରବଳ ଗହଳି ହୋଇଛି।

**ମହିଳାଙ୍କ ଉପରେ ଟ୍ରକ୍ ଚଢ଼ିଗଲା**

ପାରାଦୀପ,(ସ୍ୱ.ପ୍ର.):ପାରାଦୀପ ମାଛଧରାବନ୍ଦର ପରିସରରେ ଗୁରୁବାର ଏକ ବରଫ ବୋଝେଇ ଟ୍ରକ ଧକ୍କାରେ ଜଣେ ମହିଳାଙ୍କର ମୃତ୍ୟୁ ଘଟିଛି। ସେ ରାସ୍ତା କଡରେ ଶୋଇଥିଲା ବେଳେ ଉକ୍ତ ଗାଡି ତାଙ୍କ ଉପରେ ଚଢ଼ିଯାଇଥିଲା। ସମ୍ପୃକ୍ତ ମହିଳା ମାନସିକ ବିକାରଗ୍ରସ୍ତ ବୋଲି ଥାନାଧିକାରିଣୀ ଲିଜାରାଣୀ ବିଶ୍ୱାଳ କହିଛନ୍ତି। ଏ ନେଇ ଥାନାରେ ମାମଲା (ନଂ.୨୮/୨୨) ରୁଜୁ ହୋଇଛି।



# ପୁଣି ଦବିଲା ଲୁଣା ନଦୀବନ୍ଧ, ୭ ଗାଁରେ ଆତଙ୍କ

- ନଦୀବନ୍ଧ ପରିଦର୍ଶନ କଲେ ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର
- ବେଆଇନ ବାଲି ଉତ୍ତୋଳନ ପାଇଁ ପ୍ରଶାସନକୁ ଦାୟୀ କଲେ

ଡେରାବିଶ, ୧୦।୧୧(ସ୍ୱ.ପ୍ର.)

ଲୁଣା-ଚିତ୍ରୋତ୍ପଳା ଦ୍ୱିପାଞ୍ଚଳରେ ଥିବା ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଜଳପୋକ ପଞ୍ଚାୟତ ପକ୍ଷୋଟଠାରେ ଗତ ଶୁକ୍ରବାର ରାତିରେ ଲୁଣା ନଦୀବନ୍ଧର ଦକ୍ଷିଣ ପାର୍ଶ୍ୱରେ ୪୦ ଫୁଟ ନଦୀବନ୍ଧ ଦବି ଯାଇଥିଲା। ଗୁରୁବାର ଏହି ନଦୀବନ୍ଧ ଆହୁରି ୨ ଫୁଟ ଦବି ଯିବାରୁ ଅଞ୍ଚଳବାସୀଙ୍କ ଭିତରେ ଏକ କୋକୁଆ ଭୟ ସୃଷ୍ଟି ହୋଇଛି। କେଉଁ ମୁହୂର୍ତ୍ତରେ ନଦୀବନ୍ଧ ଭୁଶୁଡ଼ି ଯିବ ଏହି ଆଶଙ୍କାରେ ମାର୍ଶାଘାଇ, ଗରଦପୁର ଓ ଡେରାବିଶ ବ୍ଲକର ପକ୍ଷୋଟ, ଜଳପୋକ, କଣିବାଙ୍କ, ଶୃତିପୁର, ପୁରୁଷୋତମପୁର, ଶିଶୁଆ ଓ ଷଠିଲୋ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ବିଶେଷକରି ନଦୀବନ୍ଧ କଡ଼ରେ ଥିବା ଗ୍ରାମ ସବୁର ଘରଗୁଡ଼ିକ କେତେବେଳେ ଯେ ଭୁଶୁଡ଼ି ପଡିବ ସେହି ଆଶଙ୍କାରେ କେତେଗୋଟି ପରିବାର ୭ ଦିନ ହେବ ଘର ଛାଡ଼ି ଅନ୍ୟତ୍ର ରହୁଛନ୍ତି। ଏହି ନଦୀବନ୍ଧଟି ଜଳସମ୍ପଦ ବିଭାଗର କଟକ ନର୍ଥ ଡିଭିଜନ୍ ଅଧୀନରେ ରହିଛି। କେବଳ ଜଳସମ୍ପଦ ବିଭାଗର ସହକାରୀ ମୁଖ୍ୟଯନ୍ତ୍ରୀ ଓ ଅଧୀକ୍ଷଣ ଯନ୍ତ୍ରୀ ଘଟଣା ଘଟିବାର ୩ ଦିନ ପରେ ଆସି ଦବିଥିବା ନଦୀବନ୍ଧ ସ୍ଥାନ ପରିଦର୍ଶନ କରି



ଗୁରୁବାର ପୁଣି ଦବିଥିବା ନଦୀବନ୍ଧକୁ ଭାଜପା ନେତା ବିଜୟ ମହାପାତ୍ର ଓ ଅନ୍ୟମାନେ ବୁଲି ଦେଖୁଛନ୍ତି।

ଫେରି ଯାଇଥିଲେ। ହେଲେ ଏଯାଏ ଏହାର କୌଣସି ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯାଇନାହିଁ। ଅପରାହ୍ନରେ ଭାଜପା ନେତା ତଥା ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର ଘଟଣା ସ୍ଥଳକୁ ଆସି ବନ୍ଧ ପରିଦର୍ଶନ କରିବା ସହ ବାଲି ଉତୋଳନ ହେଉଥିବା ସ୍ଥାନ ମଧ ପରିଦର୍ଶନ କରିଥିଲେ। ଏହାର ନିରାକରଣ ପାଇଁ ବୈଷୟିକ ଗତ ସମାଧାନ ପାଇଁ ଜଳସମ୍ପଦ ବିଭାଗ ମୁଖ୍ୟଯନ୍ତ୍ରୀଙ୍କ ସହ ଫୋନ୍ ଯୋଗେ ଯୋଗାଯୋଗ କରିଥିଲେ। ଏ ବିଷୟରେ ପୂର୍ବତନ ମନ୍ତ୍ରୀ ବିଜୟ କହିଛନ୍ତି, ବନ୍ଧ ନିକଟରେ ବେଆଇନ ବାଲି ଉତ୍ତୋଳନ କରାଯାଉଥିବାରୁ ନଦୀର ଝର ସୃଷ୍ଟି ହୋଇ ବନ୍ଧ ପ୍ରତି ବିପଦ ଦେଖାଦେଇଛି। ତେବେ ବାଲି ଉତ୍ତୋଳନ ବନ୍ଧ ଦବିବାର ମୁଖ୍ୟ କାରଣ ବୋଲି ବିଜୟ କହିଛନ୍ତି। ଏ ସମ୍ପର୍କରେ ଗୁରୁବାର କେନ୍ଦ୍ରାପଡ଼ା ଜିଲାପାଳଙ୍କ ସହ ଆଲୋଚନା କରିବେ ବୋଲି ବିଜୟ କହିଛନ୍ତି। ପକ୍ଷୋଟ ଗ୍ରାମର ବିଶ୍ୱଭୂଷଣ ମହାନ୍ତି, ମେଘନାଦ ରାଉତ, ସୁରେଶ ଦଳାଇ ପ୍ରମୁଖ ଗ୍ରାମବାସୀଙ୍କ ଏହି ନଦୀବନ୍ଧ ଯାତାୟାତ ପାଇଁ ଏକମାତ୍ର ରାସ୍ତା ବୋଲି ପ୍ରକାଶ କରିଛନ୍ତି। ୭ ଦିନ ହେବ ଏହି ବନ୍ଧ ଦବିଯିବା ଫଳରେ ପ୍ରଶାସନର ନୀରବତା ପାଇଁ ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ୭ଟି ଗ୍ରାମବାସୀ ଏକ ପ୍ରକାର ଗୃହବନ୍ଦୀ ହୋଇ ରହିଛନ୍ତି ବୋଲି ସେମାନେ କହିଛନ୍ତି। ବିଜୟଙ୍କ ସହ ଭାଜପା ଜିଲା ସାଧାରଣ ସମ୍ପାଦକ ସରୋଜକାନ୍ତ ନାୟକ, ପୂର୍ବତନ ଜିଲା ପରିଷଦ ସଭ୍ୟ ଗଣେଶ ଚନ୍ଦ୍ର ସାମଲ, ଭାଜପା ନେତା ସୁକାନ୍ତ ଦ୍ୱିବେଦୀ ଏବଂ ବିଭୁଦେନ୍ଦୁ ପଣ୍ଡା ପ୍ରମୁଖ ଦଳୀୟ କର୍ମକର୍ତ୍ତା ସାମିଲ ହୋଇଥିଲେ।

## ସଂକ୍ଷେପରେ

### ତମାଖୁ ମୁକ୍ତ ସମାଜ ଗଠନ ଉପରେ ଗୁରୁତ୍ୱ

ଜାତୀୟ ତମାଖୁ ନିରାକରଣ କାର୍ଯ୍ୟକ୍ରମ



ରାଜନଗର, ୧୦।୧୧(ଡି.ଏନ.ଏ.): ରାଜନଗରସ୍ଥିତ ଶ୍ରୀଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ଗୁରୁବାର ଜାତୀୟ ତମାଖୁ ନିରାକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ମହାବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଅତୁଳ ବଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡ. ପ୍ରଣବ କୁମାର ଶୁକ୍ଳା, ଡା. ମନୋରଞ୍ଜନ ନାଥ, ଜାତୀୟ ସେବା ସଂସ୍ଥାର ପ୍ରୋଗ୍ରାମ ଅଫିସର ଅଧାପିକା ଅନସୂୟା ବେହେରା, ୟୁଥ୍ ରେଡକ୍ରସର ସଂଯୋଜିକା ଅଧାପିକା ରାଜଶ୍ରୀ ସାମନ୍ତ, ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପିଏଚଓ ହିମାଂଶୁ ଶେଖର ଦାସ ପ୍ରମୁଖ ଯୋଗଦେଇ ତମାଖୁ ମୁକ୍ତ ସମାଜ ଗଠନ ଉପରେ ମତବ୍ୟକ୍ତ କରିଥିଲେ। ତମାଖୁ ଦ୍ୱାରା କିପରି କ୍ୟାନସର ଓ ଅନ୍ୟ ବ୍ୟାଧି ବ୍ୟାପୁଛି, ଯୁବପିଢି ଏଥିରୁ କେମିତି ଦୂରେଇ ରହିବେ ଏବଂ ମହାବିଦ୍ୟାଳୟ କ୍ୟାମ୍ପସକୁ ତମାଖୁ ମୁକ୍ତ କ୍ୟାମ୍ପସ କରିବାକୁ ଆହ୍ୱାନ ଦେଇଥିଲେ। ମହାବିଦ୍ୟାଳୟର ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ୩ଟି ପର୍ଯ୍ୟାୟରେ ମହାବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

### ରାହାସ ସାରି ବାହୁଡ଼ିଲେ ଗୋପୀନାଥ

ରଘୁନାଥପୁର,୧୦।୧୧(ଡି.ଏନ୍.ଏ.): ରଘୁନାଥପୁର ବ୍ଲକ ତାରପୁର ପଞ୍ଚାୟତ ଗୋକୁଳପୁର ଗ୍ରାମର ଇଷ୍ଟଦେବ ଗୋପୀନାଥ ରାହସ ଉତ୍ସବ ସାରି ବୁଧବାର ରାତିରେ ତାରପୁର ମୁହାଣେଶ୍ୱର ସ୍ଥିତ ନିଜ ମନ୍ଦିରକୁ ବାହୁଡ଼ି ଯାଇଛନ୍ତି। ଗତ ୫ ସହ ବର୍ଷ ଧରି ଏହି ପରମ୍ପରା ଗ୍ରାମରେ ଭାଇଚାରା ବଜାଇ ରଖିବାରେ ସକ୍ଷମ ହୋଇପାରିଛି।କାର୍ତ୍ତିକ ମାସ ଏକାଦଶୀ ତିଥିରେ ପ୍ରଭୁ ଗୋପୀନାଥ ଗ୍ରାମକୁ ବିଜେ କରିଥାନ୍ତି। ଘର ଘର ବୁଲି ଭୋଗଖାଇ ଶେଷରେ ପାଳିଆ ଭାଇଙ୍କ ଘରେ ଅବସ୍ଥାନ କରନ୍ତି। ଏହି ସମୟରେ ସକାଳେ ସନ୍ଧ୍ୟାରେ ଗ୍ରାମବାସୀ ପ୍ରଭୁଙ୍କ ନିକଟରେ ଭୋଗଲାଗି କରିଥାନ୍ତି। ରାତିରେ ରଥକୁ ନିଆଯାଇ ରାହସ କରାଯାଇଥାଏ। ପୂର୍ଣ୍ଣିମାରେ କାଳିକା ଉତ୍ସବ ଅନୁଷ୍ଠିତ ହୋଇଥାଏ। ମନ୍ଦିରକୁ ଫେରିବା ଦିନ ଦାଣ୍ଡ ଭୋଗ ହୋଇଥାଏ।

### ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ବିୟୋଗ

ଡେରାବିଶ,୧୦।୧୧(ସ୍ୱ.ପ୍ର.): ଡେରାବିଶ ବ୍ଲକ ଛୋଟି ପଞ୍ଚାୟତ ଅନ୍ତର୍ଗତ ଛୋଟି ସ୍ଥିତ ରାମଚଣ୍ଡୀ ଶିକ୍ଷା ନିକେତନନର ପ୍ରାକ୍ତନ ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ଦାସ (୭୨)ଙ୍କ ବ୍ଲକ ଅଧୀନ କୁରୁଜଙ୍ଗା ପଞ୍ଚାୟତ ବଡ଼ମଙ୍ଗରାଜପୁର ଗ୍ରାମସ୍ଥିତ ବାସଭବନରେ ବୁଧବାର ପରଲୋକ ହୋଇଯାଇଛି। ଦୀର୍ଘ ୧ ବର୍ଷ ହେବ ପକ୍ଷାଘାତ ରୋଗରେ ପୀଡ଼ିତ ହୋଇ ଗୋବିନ୍ଦ ଚିକିତ୍ସିତ ହେଉଥିଲେ। ସେ ଜଣେ ଛାତ୍ର ବତ୍ସଳ ଓ ଆଦର୍ଶ ଶିକ୍ଷକ ଭାବେ ଅଞ୍ଚଳରେ ପରିଚିତ ଥିଲେ। ତାଙ୍କ ବିୟୋଗରେ ବ୍ଲକ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## କବି ନିରାକାର ଦାସଙ୍କୁ ବଳଦେବଶ୍ରୀ ସମ୍ମାନ



କେନ୍ଦ୍ରାପଡ଼ା ଅଫିସ, ୧୦।୧୧:

କେନ୍ଦ୍ରାପଡ଼ା ଜିଲା ବୋଇତ ବନ୍ଦାଣ ସମିତି ପକ୍ଷରୁ ୮ ତାରିଖରେ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ସମିତି ପକ୍ଷରୁ ପୂର୍ବତଟ ରେଳପଥର ବରିଷ୍ଠ ଜନସମ୍ପର୍କ ଅଧିକାରୀ ତଥା କବି ନିରାକାର ଦାସଙ୍କୁ ବଳଦେବଶ୍ରୀ ସମ୍ମାନ ପ୍ରଦାନ କରାଯାଇଥିଲା। ସହରର ଟାଉନହଲଠାରେ ସାମାଜିକ କର୍ମୀ ପ୍ରଦୀପ କୁମାର ମହାନ୍ତିଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ଯୁକ୍ତରାଷ୍ଟ୍ର ଆମେରିକାସ୍ଥିତ ଆଲାସ୍କା ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ଦେବେନ୍ଦ୍ର ଦାସ, ଡା. ବିଶ୍ୱପ୍ରିୟ କାନୁନ୍‌ଗୋ, ପୂର୍ବତନ ବିଧାୟକ ଚିନ୍ମୟ ବେହୁରା, ପୌରାଧକ୍ଷା ସରିତା ସାହୁ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ପ୍ରକାଶ କରିଥିଲେ, କବି ଦାସଙ୍କ କବିତାରେ ମାନବବାଦୀ ସଂସ୍କାର ଓ ବୈପ୍ଳବିକ ସ୍ୱର ଦେଖିବାକୁ ମିଳେ। କବି ଦାସ ରେଳପଥ ବିଭାଗରେ ବରିଷ୍ଠ ପଦାଧିକାରୀ ହୋଇଥିବା ସତ୍ତ୍ୱେ କଳା, ସାହିତ୍ୟ ଓ ସଂସ୍କୃତି ପାଇଁ ଖୁବ୍ ପରିଚିତି ପାଇଛନ୍ତି।

## ମନ୍ଦିରରେ କ୍ୟାମେରା, ମୋବାଇଲ ପ୍ରବେଶ ବନ୍ଦ ହେଉ

କେନ୍ଦ୍ରାପଡ଼ା ଅଫିସ, ୧୦।୧୧

କେନ୍ଦ୍ରାପଡ଼ା ସହରର ଇଚ୍ଛାପୁରସ୍ଥ ଶ୍ରୀବଳଦେବଜୀଉ ମନ୍ଦିରରେ ବିଭିନ୍ନ କଟକଣା ଦାବିରେ ବଳଦେବ ସେନା ପକ୍ଷରୁ ଦେବୋତ୍ତର କମିଶନରଙ୍କୁ ଗୁରୁବାର ଦାବିପତ୍ର ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ସେନାର ସଭାପତି ପପୁନ କୁମାର ସ୍ୱାଇଁ କହିଛନ୍ତି, ଶ୍ରୀ ଜୀଉ ହିନ୍ଦୁ ସଂସ୍କୃତି ଓ ଆସ୍ଥାର ପ୍ରତୀକ। ଏହି ମନ୍ଦିରରେ ଅବାଧ ଭାବେ କ୍ୟାମେରା ଓ ମୋବାଇଲ ବ୍ୟବହାର ହେଉଛି। ଏପରିକି କେତେଜଣ ବ୍ୟକ୍ତି ଶ୍ରୀଜୀଉଙ୍କ ଗୁପ୍ତ ନୀତିର ଚିତ୍ର ଉତ୍ତୋଳନ କରୁଛନ୍ତି। ଏଥିସହ ସାମ୍ପ୍ରତିକ ସମୟରେ ସାମାଜିକ ଗଣମାଧ୍ୟମରେ କେତେଜଣ ବ୍ୟକ୍ତିଙ୍କ ମନ୍ଦିର ପରିସରରେ ଆପତ୍ତି ଜନକ ଭିଡିଓ ଭାଇରାଲ ହେଉଛି। ଏଥିପାଇଁ ମନ୍ଦିର ବାହାରେ କ୍ୟାମେରା, ବ୍ୟାଗ, ହେଲମେଟ ଆଦି ରକ୍ଷଣାବେକ୍ଷଣ



ସେନାର କର୍ମକର୍ତ୍ତାମାନେ ଦେବୋତ୍ତର କମିଶନରଙ୍କୁ ଦାବିପତ୍ର ଦେଉଛନ୍ତି।

**ବଳଦେବ ସେନାର ଦାବିପତ୍ର**

ପାଇଁ ଲକରର ବ୍ୟବସ୍ଥା ଆବଶ୍ୟକ। ପୋଲିସ ଦ୍ୱାରା ପ୍ରବେଶ ସମୟରେ ଯାଞ୍ଚ ବ୍ୟବସ୍ଥା, ଅଧିକ ପୋଲିସ କର୍ମଚାରୀ ନିୟୋଜିତ କରିବା, ବିଭିନ୍ନ କଟକଣାକୁ ସର୍ବସାଧାରଣରେ ଦେଖିବା ପରି ସ୍ଥାନରେ ନୋଟିସ ବୋର୍ଡ ରଖିବା, କଟକଣାକୁ ମାନୁ ନ ଥିବା ବ୍ୟକ୍ତିଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବିକରି ଏହି ଦାବିପତ୍ର ଦିଆଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ବଳଦେବ ସେନାର କର୍ମକର୍ତ୍ତା ନିରଞ୍ଜନ ସୁଆର, ଅମର ବାରିକ, ନିରଞ୍ଜନ ମେକାପ, ଆଶୁତୋଷ ପଣ୍ଡା, ଆଶିଷ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ବାର୍ଦ୍ଧକ୍ୟ ଭତ୍ତା ୨ ହଜାର ଟଙ୍କାକୁ ବୃଦ୍ଧି କର

### ନବନିର୍ମାଣ କୃଷକ ସଙ୍ଗଠନର ବିକ୍ଷୋଭ

କୁଜଙ୍ଗ,୧୦।୧୧(ଡି.ଏନ୍.ଏ.):

ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା ପାଞ୍ଚଶହ ଟଙ୍କାରୁ ୨ ହଜାର ଟଙ୍କାକୁ ବୃଦ୍ଧି ଦାବିକରି ଗୁରୁବାର କୁଜଙ୍ଗ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ପରିପ୍ରେକ୍ଷୀରେ ବରିଷ୍ଠ କୃଷକ ନେତା ବାବୁରାମ ଚୌଧୁରୀଙ୍କ ଅଧକ୍ଷତାରେ ଆୟୋଜିତ ପ୍ରତିବାଦ ସଭାରେ ନବ ନିର୍ମାଣ କୃଷକ ସଙ୍ଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ, ସହସଂଯୋଜକ ଉମାକାନ୍ତ ଭାରତ, ବରିଷ୍ଠ କୃଷକ ନେତା ନୂତନ ତ୍ରିପାଠୀ, ବ୍ଲକ୍ ସଂଯୋଜକ ବିଭୂତି ଭୂଷଣ ଜେନା, ନଟବର ସେଣ ପ୍ରମୁଖ ଯୋଗଦେଇ କହିଥିଲେ, କୃଷକ ଜୀବନବ୍ୟାପୀ ବିଲରେ ଖଟି ଖଟି ବୁଢ଼ା ହେବା ପରେ ସରକାର ମାତ୍ର ପାଞ୍ଚ ଶହ ଟଙ୍କା ଭତ୍ତା ଦେଉଛନ୍ତି।। ରାଜ୍ୟ ସରକାରଙ୍କ ଏହି ଭତ୍ତା ବୃଦ୍ଧାବୃଦ୍ଧଙ୍କୁ ଅଟ୍ଟହାସ୍ୟ ସଦୃଶ। ପଞ୍ଜାବ, ଦିଲ୍ଲୀ, ଗୋଆ ଓ ତେଲେଙ୍ଗାନା ରାଜ୍ୟ ଭଳି ଏହି ରାଜ୍ୟରେ ମଧ ଅତିକମ୍‌ରେ ୨ ହଜାର ଟଙ୍କା ଭତ୍ତା ଦେବାକୁ ସେମାନେ ଦାବିକରିଛନ୍ତି। ଏ ନେଇ ପ୍ରାୟ ୧ ହଜାରୁ ଉର୍ଦ୍ଧ୍ୱ ବୃଦ୍ଧା ବୃଦ୍ଧ ଏକ ଶୋଭାଯାତ୍ରାରେ ବଜାର ପରିକ୍ରମା କରି ବ୍ଲକ ପଡିଆରେ ପହଞ୍ଚି ବିକ୍ଷୋଭ କରିଥିଲେ। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କୁ ପ୍ରଦାନ କରିଥିଲେ। ଏହି ବିକ୍ଷୋଭ ସମାବେଶରେ ନେତୃତ୍ୱ ଦେବୀପ୍ରସାଦ ପଟ୍ଟନାୟକ, ବାସୁଦେବ ରାଉତ, ଜାନକୀ ମହାରଥା ଓ ତରଣୀ ରାଉତ ପ୍ରମୁଖ ନେଇଥିଲେ।

## ଓଡ଼ିଶା ସ୍ୱାସ୍ଥ୍ୟ ଠିକା ମହାସଂଘର ବିକ୍ଷୋଭ




ସ୍ୱାସ୍ଥ୍ୟ ଠିକା କର୍ମଚାରୀଙ୍କ ପକ୍ଷରୁ କରାଯାଇଥିବା ବିକ୍ଷୋଭ।

କେନ୍ଦ୍ରାପଡ଼ା ଅଫିସ,୧୦।୧୧

ସ୍ଥାୟୀ ନିଯୁକ୍ତି ଦାବିରେ କେନ୍ଦ୍ରାପଡ଼ା ଜିଲା ସ୍ୱାସ୍ଥ୍ୟ ବିଭାଗର ଶତାଧିକ ଆୟୁଷ ଡାକ୍ତର ଓ ଏହି ବିଭାଗରେ କାର୍ଯ୍ୟରତ ଅସ୍ଥାୟୀ କର୍ମଚାରୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ରକୁ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଏ ସମ୍ପର୍କରେ କର୍ମକର୍ତ୍ତାମାନେ କହିଛନ୍ତି, ନିକଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାରେ ଚୁକ୍ତିଭିତ୍ତିକ ଚାକିରିର ଯୁଗ ଶେଷ ହେଲା ବୋଲି ଘୋଷଣା କରିଛନ୍ତ। ତେବେ ସେହି ଘୋଷଣା ସ୍ୱାସ୍ଥ୍ୟ ବିଭାଗରେ ଅଦ୍ୟାବଧି କାର୍ଯ୍ୟକାରୀ ହୋଇନାହିଁ। ଜିଲା ସ୍ୱାସ୍ଥ୍ୟ ବିଭାଗରେ ଆୟୁଷ ଡାକ୍ତର, ଅନ୍ୟ କର୍ମଚାରୀମାନେ ୧୭ ବର୍ଷ ହେବ ସ୍ୱଳ୍ପ ଦରମାରେ ଚାକିରି କରୁଛନ୍ତି। ସେମାନଙ୍କୁ ଚାକିରିରେ ସ୍ଥାୟୀ କରିବାକୁ ରାଜ୍ୟ ସରକାର ଘୋଷଣା କରିବେ ବୋଲି ପ୍ରତିଶ୍ରୁତି ଦେଇ ସେମାନଙ୍କୁ ପ୍ରତାରଣା କରି ଆସୁଛନ୍ତି। ଆୟୁଷ ଡାକ୍ତରଙ୍କ ଭଳି ରାଜ୍ୟରେ ୯ ହଜାର ଅସ୍ଥାୟୀ କର୍ମଚାରୀ ସ୍ୱଳ୍ପ ଦରମାରେ କାର୍ଯ୍ୟ କରୁଛନ୍ତି। ସମସ୍ତ ସ୍ୱାସ୍ଥ୍ୟ ଠିକା କର୍ମଚାରୀଙ୍କ ଆବେଗକୁ ଦୃଷ୍ଟିରେ ରଖି ସେମାନଙ୍କୁ ତୁରନ୍ତ ନିୟମିତ କରିବା ପାଇଁ ଦାବି କରାଯାଇଛି। ଓଡ଼ିଶା ସ୍ୱାସ୍ଥ୍ୟ ଠିକା କର୍ମଚାରୀ ମହାସଂଘ କେନ୍ଦ୍ରାପଡ଼ା ଜିଲା ଶାଖା ସଂଘର ଶତାଧିକ ଆୟୁଷ ଡାକ୍ତରଙ୍କ ସହ ସେହି ବିଭାଗର ଅନ୍ୟ କର୍ମଚାରୀମାନେ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ।

## ଜିଲାରେ ମରୁଡ଼ିର ପଦଧ୍ୱନି, କେନାଲରେ ପାଣି ଦାବି

କେନ୍ଦ୍ରାପଡ଼ା ଅଫିସ, ୧୦।୧୧

କେନ୍ଦ୍ରାପଡ଼ା ଜିଲାର ଖରିଫ ଚାଷ ଏବେ ପାଣି ବିନା ମରିବାକୁ ବସିଛି। ଆସନ୍ତା ୩ ଦିନ ମଧରେ ଅନ୍ୟୁନ୍ୟ ୨୦ ଦିନ ପାଇଁ କେନାଲରେ ପାଣି ଆବଶ୍ୟକ। ଏପରି ଦାବି କରି ଓଡ଼ିଶା କୃଷକ ସଭା କେନ୍ଦ୍ରାପଡ଼ା ଜିଲା କମିଟି ପକ୍ଷରୁ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ସହ ଏକ ଦାବିପତ୍ର ଗୁରୁବାର ପ୍ରଦାନ କରାଯାଇଛି। ଏ ସମ୍ପର୍କରେ କମିଟି ସଭାପତି ଗୟାଧର ଧଳ କହିଛନ୍ତି, ଚଳିତବର୍ଷ ଏହି ଜିଲାରେ ୧ ଲକ୍ଷ ୨୪ ହଜାର ହେକ୍ଟର ଅଞ୍ଚଳରେ ଖରିଫ ଧାନ ଚାଷ ହୋଇଛି। ଲଗାଣ ବର୍ଷା ଓ ବନ୍ୟା ଚାଷ କାର୍ଯ୍ୟକୁ ମନ୍ଥର




ଓଡ଼ିଶା କୃଷକ ସଭା ପକ୍ଷରୁ କେନାଲରେ ପାଣି ଛାଡିବାକୁ ଦାବି କରାଯାଉଛି।

କରିଥିଲା। ଏବେ ଧାନ ଥୋଡ ବାହାରିବା ସମୟରେ କ୍ଷେତରେ ପାଣି ନାହିଁ। କେନ୍ଦ୍ରାପଡ଼ା ଓ ପଟ୍ଟାମୁଣ୍ଡାଇ କେନାଲରେ ପାଣି ନ ଥିବାରୁ ଚାଷୀ ଏବେ ସମ୍ଭାବ୍ୟ ମରୁଡି ଆଶଙ୍କାରେ ଅଛନ୍ତି। ଆସନ୍ତା ୩ ଦିନ ମଧରେ କ୍ଷେତରେ ପାଣି ପହଞ୍ଚିବା ପାଇଁ କେନାଲରେ ପାଣି ଛାଡିବା ଜରୁରୀ ହୋଇପଡିଛି। ଏ ନେଇ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ ସୁଫଳ ମିଳିନାହିଁ। ଏଥିପାଇଁ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଉଥିବା ସେ ପ୍ରକାଶ କରିଛନ୍ତି। କମିଟି କର୍ମକର୍ତ୍ତା ବିଜୟ ଦାସ, ଉମେଶ ସିଂହ, ନରୋତ୍ମ ପାର୍ଥସାରଥୀ, ସହଦେବ ଦାସ ପ୍ରମୁଖ ଏହି ବିକ୍ଷୋଭର ନେତୃତ୍ୱ ନେଇଥିଲେ।

## ଆନ୍ଦୋଳନସ୍ଥଳରେ ଅସୁସ୍ଥ ହେଲେ ମହିଳା

କଳିଙ୍ଗନଗର, ୧୦।୧୧(ଡି.ଏନ.ଏ.)

ନିଯୁକ୍ତି ଦାବିରେ କଳିଙ୍ଗନଗରସ୍ଥିତ ଜିନ୍ଦଲ ଷ୍ଟେନଲେଶ କାରଖାନା ମୁଖ୍ୟ ଫାଟକ ସମ୍ମୁଖରେ ଜମିହରା ବିସ୍ଥାପିତଙ୍କ ଚାଲିଥିବା ଆନ୍ଦୋଳନ ଗୁରୁବାର ତୃତୀୟ ଦିନରେ ପହଞ୍ଚିଛି। ତେବେ ଆନ୍ଦୋଳନ ସ୍ଥଳରେ ଜଣେ ମହିଳା ରଇବାରୀ ବଦରା(୩୨) ମଧାହ୍ନରେ ଅସୁସ୍ଥ ହୋଇ ପଡ଼ି ଯାଇଥିଲେ। ହେଲେ ଜିନ୍ଦଲ କର୍ତ୍ତୃପକ୍ଷଙ୍କୁ ବିସ୍ଥାପିତ କାକୁତି ମିନତି ହୋଇ ଆମ୍ବୁଲାନ୍ସ ମାଗିଥିଲେ ମଧ ସେମାନେ ଦେଇ ନ ଥିଲେ। ପରେ ଲୋକେ ଏକ ଗାଡ଼ି କରି ସମ୍ପୃକ୍ତ ମହିଳାଙ୍କୁ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ସେ ଚିକିତ୍ସାଧୀନ ଅଛନ୍ତି। ଅନ୍ୟପକ୍ଷରେ କେତେଜଣ ବିସ୍ଥାପିତ ଅତିରିକ୍ତ ଜିଲାପାଳଙ୍କ ଅଫିସକୁ ଯାଇଥିଲେ। ସେଠାରେ ୩ ଜିନ୍ଦଲ ଅଫିସରଙ୍କ ସହ ଆଲୋଚନା ହୋଇଥିଲା।

## ସଭାପତି ହେଲେ ଜଗତ୍‌ସିଂହପୁରର ଆର୍ତ୍ତତ୍ରାଣ

**କଟକ ସମବାୟ ଦୁଗ୍ଧ ଉତ୍ପାଦକ ସଂଘ ଲିଃ ପରିଚାଳନା ପରିଷଦ**

ଜଗତ୍‌ସିଂହପୁର ଅଫିସ, ୧୦।୧୧

କଟକ ସମବାୟ ଦୁଗ୍ଧ ଉତ୍ପାଦକ ସଂଘ ଲିମିଟେଡ୍ ରାଜ୍ୟର ଏକ ପୁରୁଣା ଓ ବଡ ସଂଘ। ଅବିଭକ୍ତ କଟକ, ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ା ଜିଲାର ୨୫ ହଜାର ଦୁଗ୍ଧ ଚାଷୀଙ୍କୁ ନେଇ ସଂଘ କାର୍ଯ୍ୟ କରୁଛି। ଏହି ସଂଘର ପରିଚାଳନା ପରିଷଦ ସଭାପତି ଭାବେ ଜଗତ୍‌ସିଂହପୁର ଜିଲାର ଖବରଦାତା ତଥା ସ୍ଥାନୀୟ ଯଶୋବନ୍ତପୁର ଦୁଗ୍ଧ ଉତ୍ପାଦନ ସମିତିର ସଭାପତି ଆର୍ତ୍ତତ୍ରାଣ ପତି ନିର୍ବାଚିତ ହୋଇଛନ୍ତି। ଏହି ନିର୍ବାଚନରେ ୨ଜଣ ନାମାଙ୍କନ ପତ୍ର ଦାଖଲ କରିଥିଲେ। ଉଭୟ ଜଗତ୍‌ସିଂହପୁର ଜିଲାର ସେମାନଙ୍କ ମଧ୍ୟରୁ ଜଣେ ଆର୍ତ୍ତତ୍ରାଣ ହୋଇଥିବାବେଳେ ଅନ୍ୟ ଜଣେ ପ୍ରଦୀପ୍ତ କୁମାର ସ୍ୱାଇଁ। ଆର୍ତ୍ତତ୍ରାଣଙ୍କ ସପକ୍ଷରେ ୮ ଓ ପଦୀପଙ୍କ ସପକ୍ଷରେ ୭ଟି ଭୋଟ ମିଳିଥିଲା । ଶେଷରେ ନିର୍ବାଚନ ଅଧିକାରୀ ଆର୍ତ୍ତତ୍ରାଣଙ୍କୁ ନିର୍ବାଚିତ ଘୋଷଣା କରିଛନ୍ତି । ନିର୍ବାଚିତ ହେବା ପରେ ସେ କହିଛନ୍ତି, ସେ ଆଗାମୀ ୫ ବର୍ଷରେ ଦୁଗ୍ଧ ଚାଷୀଙ୍କ ଆର୍ଥିକ ଉନ୍ନତି ପାଇଁ ଉଦ୍ୟମ କରିବେ। ସଂଘର ପରିଚାଳନା ପରିଷଦ ସଦସ୍ୟ ନିର୍ବାଚନ ଗତ ଅକ୍ଟୋବର



୨୩ରେ ଅନୁଷ୍ଠିତ ହୋଇଥିଲା।। ଏଥିରେ କଟକ ଜିଲାରୁ ପ୍ରଦୀପ୍ତ ରାଉତରାୟ, ଚାରୁଲତା ନାୟକ, ସୁଚିତ୍ରା ସୁନ୍ଦରୀ ଓ ସନ୍ଧ୍ୟାରାଣୀ ଖଟୁଆ ନିର୍ବାଚିତ ହୋଇଥିଲେ। ସେହିପରି ଜଗତ୍‌ସିଂହପୁର ଜିଲାରୁ ପ୍ରିୟରଞ୍ଜନ ମହାନ୍ତି, ପ୍ରଦୀପ୍ତ କୁମାର ସ୍ୱାଇଁ, ଶରତ ଚନ୍ଦ୍ର ସ୍ୱାଇଁ, ଦେବେନ୍ଦ୍ର ରାଉତ, ଶ୍ରୀକାନ୍ତ ଜେନା, ଆର୍ତ୍ତତ୍ରାଣ ପତି, କୁନିଲତା ସେଠୀ, କୁନିଲତା ପରିଡ଼ା, ଦିଲୀପ କୁମାର ଲେଙ୍କା, କେନ୍ଦ୍ରାପଡ଼ା ଜିଲାରୁ ସୁକାନ୍ତି ଦାସ ଓ ଧନେଶ୍ୱର ରାଉତଙ୍କୁ ମିଶାଇ ମୋଟ ୧୫ ଜଣ ପରିଚାଳନା ସଦସ୍ୟ ନିର୍ବାଚିତ ହୋଇଥିଲେ। ଏହି ୧୫ଜଣ ସଂଘର ପରିଚାଳନା ପରିଷଦ ସଭାପତି ନିର୍ବାଚିତ କରିବା ବ୍ୟବସ୍ଥା ରହିଛି। ନଭେମ୍ବର ୬ରେ ସଂଘ ପରିଚାଳନା ପରିଷଦ ସଭାପତି ପଦବୀ ପାଇଁ ନିର୍ବାଚନ କରାଯାଇଥିଲା ।

## ଦୁର୍ନୀତି ନିବାରଣ ସପ୍ତାହ ଉଦ୍‌ଯାପିତ

ପାରାଦୀପ,୧୦।୧୧(ସ୍ୱ.ପ୍ର.)

ପାରାଦୀପ ବନ୍ଦର ପକ୍ଷରୁ ଚାଲିଥିବା ଦୁର୍ନୀତି ନିବାରଣ ସପ୍ତାହ ଗୁରୁବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଜୟଦେବ ଭବନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ବନ୍ଦର ଅଧକ୍ଷ ପି.ଏଲ୍. ହାରାନ୍ଧ ଯୋଗ ଦେଇ ଏହି ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପାଧ୍ୟକ୍ଷ ଏ.କେ. ବୋଷେ, ସଚିବ ପି.ଏନ୍. ବେହେରାଙ୍କ ସମେତ ଅନ୍ୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ କାନମାସ ପକ୍ଷରୁ ଏକ ସଚେତନତା ଧର୍ମୀ ନାଟକ ମଞ୍ଚସ୍ଥ ହୋଇଥିଲା। ସପ୍ତାହେ ବ୍ୟାପି ଏହି ସଚେତନତା ଅଭିଯାନ ସମ୍ପର୍କରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ସେଥିରେ କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ହାରାନ୍ଧ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମକୁ ଡେପୁଟି ସିଭିଓ ପି.ପି.ସାହା ସଞ୍ଚାଳନ କରିଥିଲେ।

# କ୍ଷତିପୂରଣ ଦାବିରେ ବିକ୍ଷୋଭ

**ପିପିଏଲ୍ ଜମି ଅଧିଗ୍ରହଣ ପ୍ରସଙ୍ଗ**

ଜଗତ୍‌ସିଂହପୁର ଅଫିସ, ୧୦।୧୧

ପାରାଦୀପ ଫସଫେଟ ଲିମିଟେଡ୍ (ପିପିଏଲ୍) ସାର କାରଖାନା ପ୍ରତିଷ୍ଠା ସମୟରେ ସହସ୍ରାଧିକ ଏକର ଜମି ଅଧିଗ୍ରହଣ କରାଯାଇଥିଲା। ସେତେବେଳେ କ୍ଷତିଗ୍ରସ୍ତଙ୍କୁ ସହାୟତା ଦିଆଯିବା ଘୋଷଣା କରାଯାଇଥିଲା। କେତେଜଣ ବିସ୍ଥାପିତଙ୍କୁ ସହାୟତା ରାଶି ଦିଆଯାଇଥିଲେ ସୁଦ୍ଧା ଆଉ ଅନେକ ଏଥିରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ବାରମ୍ବାର ଦାବି ସତ୍ତ୍ୱେ କ୍ଷତିଗ୍ରସ୍ତଙ୍କୁ ସହାୟତା ରାଶି ଦିଆଯାଉ ନ ଥିବା ଅଭିଯୋଗ କରି ଗୁରୁବାର କୁଜଙ୍ଗ ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏ ସମ୍ପର୍କରେ ଚାଷୀ ନେତା ବିଷ୍ଣୁ ସ୍ୱାଇଁ କହିଛନ୍ତି, ଗତବର୍ଷ ଅଗଷ୍ଟରେ ଜମିହରା ଚାଷୀଙ୍କୁ ନେଇ ପିପିଏଲ୍ ସମ୍ମୁଖରେ ସତ୍ୟାଗ୍ରହ କରାଯାଇଥିଲା। ପାରାଦୀପ ଅତିରିକ୍ତ ଜିଲାପାଳ ଓ ଅନ୍ୟମାନେ ସତ୍ୟାଗ୍ରହସ୍ଥଳରେ ପହଞ୍ଚି ଆଲୋଚନା ମାଧ୍ୟମରେ ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଆଉ ଆଲୋଚନା କଲେନାହିଁ। ତେଣୁ ଏହି ପ୍ରସଙ୍ଗ ହାଇକୋର୍ଟକୁ ଯାଇଥିଲା। ଏହାସତ୍ତ୍ୱେ ପ୍ରତିକାର ନ ହେବାରୁ ପୁଣି ଆନ୍ଦୋଳନ କରିବାକୁ ନିଷ୍ପତ୍ତି ହୋଇଥିଲା। ଏ ସମ୍ପର୍କରେ ଜିଲାପାଳ ପାରୁଲ ପଟୱାରୀଙ୍କ ସହ ଆଲୋଚନା ହୋଇଛି। ଏନେଇ ଡିସେମ୍ବରରେ କ୍ୟାମ୍ପ କରାଯାଇ ସମସ୍ୟାର ସମାଧାନ ପାଇଁ ଉଦ୍ୟମ ହେବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିବା ସ୍ୱାଇଁ କହିଛନ୍ତି ।




ସହାୟତା ପାଇ ନ ଥିବା ଚାଷୀମାନଙ୍କ ପକ୍ଷରୁ କ୍ଷତିପୂରଣ ଦାବିରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# 'ବି ଡବଲ ପ୍ଲସ୍'ରେ ସନ୍ତୁଷ୍ଟ ନୟାଗଡ଼ ମହାବିଦ୍ୟାଳୟ

■ ସ୍ୱୟଂଶାସିତ ନବୀକରଣକୁ ଅଣଦେଖାର ଫଳ ମିଳିଲା
■ ଚେହେରା ବଦଳାଇ ବାହାବା ନେଲେ
■ ଶିକ୍ଷାର ମାନ ବଦଳାଇବାକୁ ଭୁଲିଗଲେ
■ ୬୭ ବର୍ଷର ପୁରୁଣା ଅନୁଷ୍ଠାନ ହୋଇପାରିଲାନି ଏ ଗ୍ରେଡ୍
■ ହୀରକ ଜୟନ୍ତୀର ପୃଷ୍ଠପୋଷକତାକୁ ନେଇ ଚାଲିଛି ଲଢ଼େଇ




ନୟାଗଡ଼ ଅଫିସ,୧୦।୧୧

ଦୀର୍ଘ ୬୭ ବର୍ଷର ପୁରୁଣା ଅନୁଷ୍ଠାନ ହୋଇବି ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟକୁ 'ଏ' ଗ୍ରେଡ ବଦଳରେ 'ବି ଡବଲ ପ୍ଲସ' ପାଇ ସନ୍ତୁଷ୍ଟ ହେବାକୁ ପଡିଛି। ମହାବିଦ୍ୟାଳୟରେ ହୀରକ ଜୟନ୍ତୀର ପୃଷ୍ଠ ପୋଷକତାକୁ ନେଇ ଲଢ଼େଇ ଚାଲିଥିବାବେଳେ 'ଏ' ଗ୍ରେଡ ପରି ମାନ୍ୟତା ପାଇଁ ବହୁ ଦିନ ତଳରୁ ପ୍ରୟାସ କରା ନ ଯିବା ପୁରାତନ ଛାତୀଛାତ୍ର, ଶିକ୍ଷାବିତ୍, ଅଞ୍ଚଳବାସୀଙ୍କୁ ଚିନ୍ତାରେ ପକାଇଛି। ନାକ୍ ପିୟର ଟିମ୍‌କୁ ସନ୍ତୁଷ୍ଟ କରିବା ପାଇଁ ଯଦିଓ ମହାବିଦ୍ୟାଳୟର ଚେହେରା ବଦଳାଇ ଦିଆଗଲା ତେବେ ଶିକ୍ଷାର ମାନ କାହିଁକି ବଦଳା ଗଲା ନାହିଁ ନେଇ ପ୍ରଶ୍ନ ଉଠିଛି। ପୁଣି କାହିଁକି ନାକ୍ ପିୟର ଟିମ୍ ନିର୍ଦ୍ଦିଷ୍ଟ ସମୟ ଅବଧିରେ ମହାବିଦ୍ୟାଳୟକୁ ଆସଲେ ନାହିଁ ସେ ନେଇ ମଧ୍ୟ ସମୀକ୍ଷା କରାଗଲା ନାହିଁ। ପ୍ରଫେସର ନ ଥିବା, ବିଳମ୍ବରେ ସ୍ୱୟଂଶାସିତ ନବୀକରଣକୁ ଚେଷ୍ଟା କରିବା, ଗବେଷଣାକୁ ଅଣଦେଖା କରିବା, ପାଠ ପଢ଼ାକୁ ଗୁରୁତ୍ୱ ନ ଦେବା, ଲାଇବ୍ରେରୀର ଅପଗ୍ରେଡ଼େଶନ ନ କରିବା ପରି କାରଣ ଯୋଗୁ ନାକ୍ ପିୟର ଟିମ୍ ପ୍ରଶ୍ନ ଉଠାଇ ବି ଡବଲ ପ୍ଲସ କରିବା ଘଟଣା ଅନେକ କିଛି ଗୁମରକୁ ପଦାରେ ପକାଇଛି। ଏବେ ଠାରୁ ଏହାର ସମୀକ୍ଷା କରା ନ ଗଲେ ପୁଣି ୫ ବର୍ଷ ପରେ ସେଇ ଏକା ଦଶା ଭୋଗିବାକୁ ପଡିବ। ତ୍ରୁଟି କେଉଁଠି ରହୁଛି, ଏହାର ସମାଧାନ କ'ଣ ଏବେଠାରୁ ଖୋଜିବା ଦରକାର ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ୨୦୧୧ରେ ନୟାଗଡ଼ ମହାବିଦ୍ୟାଳୟର ସ୍ୱୟଂ ଶାସିତ ମାନ୍ୟତାର ନବୀକରଣ କରାଯିବାର ଥିଲା। ହେଲେ ନବୀକରଣକୁ ଅଣଦେଖା କରାଯାଇଥିଲା। ନାକ୍ ପିୟର ଟିମକୁ ସେ ସମୟରେ ମହାବିଦ୍ୟାଳୟକୁ ଆଣିବାକୁ ଆବଶ୍ୟକ ପ୍ରସ୍ତୁତି ଓ ଭିତ୍ତିଭୂମି ସୃଷ୍ଟି କରାଗଲା ନାହିଁ। ବିଭିନ୍ନ ପ୍ରକାରର ବାହାନା ଦେଖାଇ ନବୀକରଣର ସମୟ ଗଡାଇ ଦିଆଗଲା। ସ୍ୱୟଂ ଶାସିତ ମହାବିଦ୍ୟାଳୟ ମାନ୍ୟତା ଅଛି, ନବୀକରଣ ବିଳମ୍ବରେ ହେଲେ କିଛି ଅସୁବିଧା ନାହିଁ ବୋଲି ସଫେଇ ଦିଆଗଲା। ୧୧ ବର୍ଷ ପରେ ୨୦୨୨ରେ ନାକ୍ ପିୟର ଟିମ୍ ନୟାଗଡ ମହାବିଦ୍ୟାଳୟକୁ ଆସିଲା। ନାକ୍ ପିୟର ଟିମ୍ ଆସିବାକୁ ପ୍ରସ୍ତୁତି ମଧ୍ୟ ଯୁଦ୍ଧ କାଳୀନ ଭିତ୍ତିରେ କରାଗଲା। ହେଲେ ତରବରିଆ ପ୍ରସ୍ତୁତି ନ କରି ୧୧ ବର୍ଷ ଭିତରେ ପ୍ରସ୍ତୁତି କରିଥିଲେ ଅଧିକ ସୁଫଳ ମିଳି ଥାନ୍ତା। ହେଲେ ସେପରି କିଛି କରାଯାଇ ନ ଥିଲା। ଅନ୍ୟପକ୍ଷେ ସ୍ୱୟଂ ଶାସିତ ନବୀକରଣ ପାଇବାକୁ କାହିଁକି ବିଳମ୍ବରେ ପ୍ରସ୍ତୁତି କରାଗଲା ସେନେଇ କାରଣ ଖୋଜି ନାକ୍ ପିୟର ଟିମ୍ ଏ ଗ୍ରେଡ ମାନ୍ୟତା ଦେବାରେ ଅସୁବିଧାକୁ ଏକ କାରଣ ଭାବେ ଦେଖାଇଲା। ୨୦୧୧ ପୂର୍ବରୁ ଓ ପରେ ଥିବା ମହାବିଦ୍ୟାଳୟର ଅଧକ୍ଷ ଓ ମହାବିଦ୍ୟାଳୟର ପରିଚାଳନା ପରିଷଦର ସଭାପତିଙ୍କ ଦୂରଦୃଷ୍ଟିର ଅଭାବ ଯୋଗୁ ମହାବଦ୍ୟାଳୟ ପୁଣି ଉନ୍ନତି ନ କରି ପଛକୁ ଘୁଞ୍ଚିଗଲା ବୋଲି ଅଭିଯୋଗ ଉଠିଛି। ଅନ୍ୟପକ୍ଷେ ମହାବିଦ୍ୟାଳୟରେ ହୀରକ ଜୟନ୍ତୀ ପାଳନ କରାଯିବାରେ କିଛି ଅସୁବିଧା ନାହିଁ। କିନ୍ତୁ କେବଳ ହୀରକ ଜୟନ୍ତୀ ପାଳନ କରାଗଲେ ମହାବିଦ୍ୟାଳୟର ବିକାଶ ହେବ ଏହାକୁ ମାନଦଣ୍ଡ କରିବା ଭୁଲ। ହୀରକ ଜୟନ୍ତୀ ପୂର୍ବରୁ ମହାବିଦ୍ୟାଳୟର ବିକାଶ, ଶୈକ୍ଷିକ ବାତାବରଣ ଓ ପାଠପଢ଼ାକୁ ଗୁରୁତ୍ୱ ଦେଇଥିଲେ ଭଲ ହୋଇଥାନ୍ତା ବୋଲି କୁହାଯାଇଛି। ସେହିପରି ଲାଇବ୍ରେରୀର ଅପଗ୍ରେଡେଶନ ହୋଇଛି। ହେଲେ ଏହା ସ୍ୱଳ୍ପ ଦିନ ହେଲା ହୋଇଛି। ଆଗକୁ କାହିଁକି ଲାଇବ୍ରେରୀ ଅପଗ୍ରେଡେଶନ କରାଗଲା ନାହିଁ ବୋଲି ଟିମ୍ ଏ ଗ୍ରେଡ ନ ଦେବାର କାଣ ଦେଖାଇଛି। ପୁଣି ମହାବିଦ୍ୟାଳୟରେ ପ୍ରଫେସର ନ ଥିବା, ଗବେଷଣା ହେଉ ନ ଥିବା ଏ ଗ୍ରେଡ ପାଇଁ ବାଧକ ହୋଇଛି। ନାକ୍ ପିୟର ଟିମ୍ ଗଲା ପରେ ପୁଣି ୫ ବର୍ଷ ସମୟ ମିଳିଛି। କାରଣ ୨୦୨୭ରେ ପୁଣି ନାକ୍ ପିୟର ଟିମ୍ ଆସିବେ। ସେଥିପ୍ରତି ଏବେଠାରୁ ସଜାଗ ହେବା ଦରକାର ବୋଲି କୁହାଯାଉଛି।

ଏନେଇ ପୁରାତନ ଛାତ୍ର ରଣଜିତ୍ ଦାଶ କୁହନ୍ତି, ନୟାଗଡ଼ ବିଧାୟକ ମହାବିଦ୍ୟାଳୟର ବିକାଶ ପାଇଁ ହୀରକ ଜୟନ୍ତୀ କରି ବାହାବା ନେଉଛନ୍ତି। ତେବେ ପୂର୍ବରୁ ଶିକ୍ଷାମନ୍ତ୍ରୀ ଥିବାବେଳେ ମହାବିଦ୍ୟାଳକୁ କାହିଁକି ଅଣଦେଖା କଲେ। ସେ ଚାହିଁଥିଲେ ମହାବିଦ୍ୟାଳୟରେ ଗବେଷଣା, ପ୍ରଫେସର ପରି ସମସ୍ୟା ରହି ନ ଥାନ୍ତା। ପୁଣି ଅନ୍ୟ ସମସ୍ୟା ଦେଖା ଦେଇ ନ ଥାନ୍ତା, ଯାହାକି ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଭବିଷ୍ୟକୁ ଅନ୍ଧକାରକୁ ଠେଲି ଦେଇଛି। ପୂର୍ବରୁ ମହାବିଦ୍ୟାଳୟର ଯେପରି ସୁନାମ ଥିଲା ଏବେ ନାହିଁ। କିଛି ଆବାସିକ ମହାବିଦ୍ୟାଳୟର ଗୁଣାତ୍ମକ ଶିକ୍ଷା ଯୋଗୁ ତାର ସୁନାମ ସାଉଁଟି ମହାବିଦ୍ୟାଳୟ ବାହାବା ନେଉଛି। କିନ୍ତୁ ଏହାର ଅସଲି କାରଣ କେହି ଖୋଜୁ ନାହାନ୍ତି। ଯାହାକି ଆମକୁ ପଛୁଆ କରି ଚାଲିଛି କହି କ୍ଷୋଭ ପ୍ରକାଶ କରିଛନ୍ତି। ମହାବିଦ୍ୟାଳୟ ଅଧକ୍ଷ କୁହନ୍ତି ମୋ ସମୟରେ ନାକ ପିୟର ଟିମକୁ ଆଣିବାକୁ ମୁଁ ସମସ୍ତଙ୍କର ସହଯୋଗ ନେଇଛି। ତେବେ ପ୍ରଫେସର ନ ଥିବା, ବିଳମ୍ବରେ ସ୍ୱୟଂଶାସିତ ନବୀକରଣର ପାଇଁ ଚେଷ୍ଟା, ନଗନ୍ୟ ଗବେଷଣା, ଲାଇବ୍ରେରୀର ଅପଗ୍ରେଡ଼େଶନରେ ବିଳମ୍ବ ପରି କିଛି କାରଣ ଯୋଗୁ ଏଗ୍ରେଡ ମିଳି ପାରି ନାହିଁ। ଆମେ ପୁଣି ଆସନ୍ତା ୫ ବର୍ଷ ପାଇଁ ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିବୁ ବୋଲି କହିଛନ୍ତି।

## ବନ କର୍ମଚାରୀଙ୍କ ମାଡ଼ରେ ଡ୍ରାଇଭର ଲହୁଲୁହାଣ

ନୂଆଗାଁ,୧୦।୧୧(ଡି.ଏନ.ଏ.)

ନୟାଗଡ଼ ବନଖଣ୍ଡ ମହିପୁର ବନ କର୍ମଚାରୀଙ୍କ ମାଡ଼ରେ ଜଣେ ଡ୍ରାଇଭର ଲହୁଲୁହାଣ ହୋଇଛନ୍ତି। ମଙ୍ଗଳବାର ରାତିରେ ଏହି ଘଟଣା ଘଟିଛି। ନୟାଗଡ଼ ଜିଲା ନୂଆଗାଁ ବ୍ଲକ୍ ସିଙ୍ଗାରପଲି ପଞ୍ଚାୟତ ଶୁଣ୍ଢିଖୋଲା ନୂଆସାହିର ଅମୂଲ୍ୟ ବେହେରା ଓ ତାଙ୍କ ସ୍ତ୍ରୀ ମିତା ବେହେରାଙ୍କ ସମେତ ଗ୍ରାମବାସୀ ଏ ସଂକ୍ରାନ୍ତରେ ଅଭିଯୋଗ କରିଛନ୍ତି। ଅମୂଲ୍ୟଙ୍କ ଦେହସାରା ମାଡ଼ ଚିହ୍ନ ରହିଛି। ଏହି ଘଟଣା ପରେ ସେ ଗୁରୁତର ହୋଇ ପଡିଛନ୍ତି। ତାଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ, ଶୁଣ୍ଢିଖୋଲା ଗ୍ରାମର ଅମୂଲ୍ୟ ବେହେରା ଜଣେ ଗାଡ଼ି ଚାଳକ। ମଙ୍ଗଳବାର ରାତି ପ୍ରାୟ ୧୨ଟା ସମୟରେ ସେ ଗାଡ଼ି ଭଡ଼ା ସାରି ଘରକୁ ଫେରୁଥିଲେ। ଏହି ସମୟରେ ପେଟେଇଚଣ୍ଡୀ ଠାକୁରାଣୀଙ୍କ ପୀଠ ନିକଟରେ ଏକ ବୋଲେରୋରେ ଥିବା କେତେଜଣ ବ୍ୟକ୍ତି ତାଙ୍କ ଗାଡ଼ିକୁ ଅଟକାଇବାକୁ ଚେଷ୍ଟା କରିଥିଲେ। ସେ ସ୍ଥାନ ସମ୍ପୂର୍ଣ୍ଣ ନିଛାଟିଆ ଥିଲା। ପୂର୍ବରୁ ସେହି ସ୍ଥାନରେ ଏକାଧିକ ଥର ଡକାୟତ


ବନ କର୍ମଚାରୀଙ୍କ ମାଡ଼ରେ ଆହତ ଅମୂଲ୍ୟ।

ହୋଇଥିବା ଜାଣି ଅମୂଲ୍ୟ ଗାଡ଼ି ନ ରଖି ପଳାଇ ଆସିଥିଲେ। ହେଲେ ବୋଲେରୋରେ ଥିବା ବ୍ୟକ୍ତିମାନେ ତାଙ୍କୁ ପିଛା କରିଥିଲେ। ଏ କଥା ଜାଣିବା ପରେ ଅମୂଲ୍ୟ ନିଜ ଗାଡ଼ିର ବେଗ ବଢାଇ ନିଜ ଘର ପାଖକୁ ଚାଲି ଆସିଥିଲେ। ହେଲେ ବୋଲେରୋରେ ଥିବା ବ୍ୟକ୍ତିମାନେ ସେଠାରେ ପହଞ୍ଚି ଯିବାରୁ ଅମୂଲ୍ୟ ଭୟରେ ଗାଡ଼ି ଛାଡି ପଳାଇ ଯିବାକୁ ଚେଷ୍ଟା କରିଥିଲେ। ହେଲେ ବୋଲେରୋରେ ଥିବା ଖାକିପୋଷାକ ପିନ୍ଧିଥିବା ବ୍ୟକ୍ତିମାନେ ତାଙ୍କ ଉପରକୁ ଲାଠି ଫୋପାଡ଼ିବାରୁ ସେ ସେଠାରେ ପଡିଯାଇଥିଲେ। ଏହାର ସୁଯୋଗ ନେଇ ସେହି ବ୍ୟକ୍ତିମାନେ ତାଙ୍କୁ କାବୁ କରି ଗ୍ରାମ ବାହାକୁ ନେଇ ନିସ୍ଠୁକ ପିଟିଥିଲେ। ଏହି ସମୟରେ ଗ୍ରାମର ରୀନା ଗୁରୁ ନାମକ ଜଣେ ମହିଳା ସେଠାରେ ଥିବା ନଳକୂପ ନିକଟରେ ଗାଧୋଉଥିଲେ। ସେ ଏହି ଘଟଣା ଦେଖି ଅମୂଲ୍ୟଙ୍କ ସ୍ତ୍ରୀ ମିତାଙ୍କୁ ଖବର ଦେଇଥିଲେ। ମିତା ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ସମ୍ପୃକ୍ତ ବ୍ୟକ୍ତିମାନେ ସେଠାରୁ ପଳାଇ ଯାଇଥିଲେ। ପରେ ଅମୂଲ୍ୟଙ୍କୁ ପିଟିଥିବା ବ୍ୟକ୍ତିମାନେ ମହିପୁର ବନ କର୍ମଚାରୀ ବୋଲି ସୂଚନା ମିଳିଥିଲା।

ଏ ସଂକ୍ରାନ୍ତରେ ମହିପୁର ଫରେଷ୍ଟ ଗାର୍ଡ ଶ୍ରଦ୍ଧାଞ୍ଜଳୀ ସାହୁଙ୍କୁ ପଚାରିବାରୁ ଆମେ ବାଡେଇନୁ, ବାଡ଼ି ଫୋପାଡିବାରୁ ତାଙ୍କ ଦେହରେ ବାଜିଥିଲା। ସେ ତଳେ ପଡିଯାଇଥିଲେ ବୋଲି କହିଛନ୍ତି। ଫରେଷ୍ଟର ସୂର୍ଯ୍ୟ ମହାରଣା ଏହି ଘଟଣାକୁ ପ୍ରଥମେ ଫାଙ୍କି ଦେବାକୁ ଚେଷ୍ଟା କରିଥିଲେ। ତାଙ୍କ କହିବା କଥା ଆମେ କେବଳ ଅମୂଲ୍ୟଙ୍କୁ ଧରିବା ପାଇଁ ଗୋଡ଼ାଇ ଥିଲୁ। ତା'ପରେ ସେ ଗାଡ଼ି ଛାଡି ପଳାଇଥିଲେ। ଗାଡ଼ି ଖାନତଲାସି କରିଥିଲୁ। ହେଲେ କିଛି ପାଇ ନ ଥିଲୁ। ଅନ୍ୟପକ୍ଷେ ମହିପୁର ରେଞ୍ଜର ଅମ୍ରିତ କୁମାର ସାହୁଙ୍କୁ ଘଟଣା ବାବଦରେ ପଚାରିବାରୁ କର୍ମଚାରୀଙ୍କ ସପକ୍ଷରେ ଯୁକ୍ତି ବାଢିବା ସହ ଆମ ଟିମ୍‌କୁ ଦେଖି ସେ ଗାଡ଼ି ଅଟକାଇ ନ ଥିଲେ। ଫଳରେ କର୍ମଚାରୀମାନେ ରାଗରେ ପିଟି ଥାଇ ପାରନ୍ତି। ପରେ ତାଙ୍କୁ ଭେଟି ଚିକିତ୍ସା ବ୍ୟବସ୍ଥା କରାଯାଇଛି ବୋଲି ସେ କହିଛନ୍ତି।

ପ୍ରତିଦିନ ଜଙ୍ଗଲରୁ କାଠ ଲୁଟ୍ ଚାଲିଛି। ଜଣେ ହେଲେ କାଠ ମାଫିଆକୁ ଧରି ପାରୁ ନ ଥିବା ବନ ବିଭାଗ କର୍ମଚାରୀ ଜଣେ ନିର୍ଦ୍ଦୋଷ ଡ୍ରାଇଭରଙ୍କୁ ସନ୍ଦେହରେ ମାଡ଼ ମାରି ଲହୁଲୁହାଣ କରିବା ଘଟଣାକୁ ସାଧାରଣରେ ନିନ୍ଦା କରାଯାଇଛି। ଏଥିରେ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ୫ ବସ୍ତି ପାଇଲା ବିଜୁ ଆଦର୍ଶ କଲୋନି

ନୟାଗଡ଼ ଅଫିସ,୧୦।୧୧

ରାଜ୍ୟ ସରକାର ରାଜ୍ୟର ୩୩ ପୌରସଂସ୍ଥାର ୭୦୭ ବସ୍ତିକୁ ବିଜୁ ଆଦର୍ଶ କଲୋନୀ ରୂପେ ଘୋଷଣା କରିଛନ୍ତି। ଏଥିରେ ନୟାଗଡ ମ୍ୟୁନିସିପାଲିଟିର ୧୩ ବସ୍ତିରୁ ଯଯାଙ୍ଗୀ ସାହି, ଶିବାଜୀ ନଗର ମୁଣ୍ଡିଆ ସାହି, ଯଦୁମଣି ନଗର ନୂଆସାହି, ହାଟପଦା ଓ ମହାବୀରପାଟଣା ପରି ୫ଟି ବସ୍ତି ରହିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ବିଜୁ ଆଦର୍ଶ କଲୋନୀର ଘୋଷଣା କରିଛନ୍ତି। ଏ ଅବସରରେ ନୟାଗଡ ମ୍ୟୁନିସିପାଲିଟି ପକ୍ଷରୁ ପଠାଣୀ ସାମନ୍ତ ଅଡିଟୋରିୟମରେ ଏକ ସଭାର ଆୟୋଜନ କରାଯାଇଥିଲା। ଏହାକୁ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଉଦ୍‌ଘାଟନ କରିଥିଲେ। ମ୍ୟୁନିସିପାଲିଟିର ପୌରାଧ୍ୟକ୍ଷା ନିରୁପମା ଖଟେଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଜିଲା ପରିଷଦ ନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ, , ଉପାଧ୍ୟକ୍ଷ ଗୁରୁ ପ୍ରସାଦ ଜେନା, ବରିଷ୍ଠ କାଉନସିଲର କିଶାନ ଦାସଙ୍କ ସମସ୍ତ କାଉନସିଲର, ନିର୍ବାହୀ ଅଧିକାରୀ ସ୍ୱାତୀ ମିଶ୍ର ଉପସ୍ଥିତ ଥିଲେ। ଯେଉଁ ବସ୍ତି ବିଜୁ ଆଦର୍ଶ କଲୋନୀ ରୂପେ ଘୋଷଣା ହୋଇଛି ସେଠାରେ ରାସ୍ତା, ଘରକୁ ପାଣି, ବସ୍ତି ଭିତର ରାସ୍ତା ଆଲୋକୀକରଣ, ଶୌଚାଳୟ ପରି ସୁବିଧା ରହିଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଖୋକନ


@ ଲିପ୍ସାରାଣୀ


@ ରଞ୍ଜନ


@ ଶ୍ରୀନିବାସ


@ ତପନ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ନିମ୍ନମାନର କାମ ଯୋଗୁ କ୍ଷତି ସହୁଛନ୍ତି ଠିକାଦାର


ବୈଠକରେ ଯୋଗଦେଇଥିବା ଠିକାଦାର।

ଖଣ୍ଡପଡ଼ା,୧୦।୧୧(ସ୍ୱ.ପ୍ର.)

ବିଭିନ୍ନ ଉନ୍ନୟନମୂଳକ କାମ ପାଇଁ ଟେଣ୍ଡରର ବ୍ୟବସ୍ଥା ହୋଇଥାଏ। ପଞ୍ଜୀକୃତ କାର୍ଯ୍ୟ ନିର୍ବାହୀ(ଠିକାଦାର) ନିଜ ନାମରେ କାମ ହାସଲ କରିବା ଲକ୍ଷ୍ୟରେ ସରକାରୀ ଦର(ସିଡ୍ୟୁଲ ଅଫ୍ ରେଟ୍) ଠାରୁ କମ କରି ପ୍ରତିଯୋଗିତା ମୂଳକ ଟେଣ୍ଡରକୁ କିପରି ହାସଲ କରିହେବ ସେଥିପାଇଁ ଉଦ୍ୟମ କରିଥାଆନ୍ତି। ଫଳ ସ୍ୱରୁପ ଅଧିକାଂଶ ସମୟରେ ଦାୟିତ୍ୱରେ ଥିବା ଠିକାଦାର ନିଜକୁ ସୁହାଇଲା ଭଳି କାମ କିମ୍ବା ନିମ୍ନମାନର ସାମଗ୍ରୀ ଯୋଗାଣ କରିବାକୁ ବାଧ୍ୟ ହୋଇଥାଆନ୍ତି, ଯାହାକି ପରବର୍ତ୍ତୀ ସମୟରେ ସାଧାରଣରେ ଆପତ୍ତି ଅଭିଯୋଗ ଉଠିଥାଏ। କାମ ଶେଷ ହେବା ପରେ ବି ଠିକାଦରମାନଙ୍କୁ ଅଧିକାଂଶ ସମୟରେ କ୍ଷତି ସହିବାକୁ ପଡିଥାଏ। ଏହି ପରିପ୍ରେକ୍ଷୀରେ ଖଣ୍ଡପଡ଼ା ସହରର ମା'ଉମାଦେବୀଙ୍କ ପୀଠ ପରିସରରେ ଗୁରୁବାର ନୟାଗଡ଼

### ଉମାଦେବୀ ପୀଠରେ ଠିକାଦାର ସଂଘର ବୈଠକ

ଜିଲା ଠିକାଦର ସଂଘର ଏକ ସାଧାରଣ ବୈଠକ ଜିଲା ସଂଘର ସମ୍ପାଦକ ପ୍ରଭାତ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଠିକାଦାରମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଉନ୍ନୟନ ମୂଳକ କାର୍ଯ୍ୟ ନିମନ୍ତେ ସରକାର ଧାର୍ଯ୍ୟ କରିଥିବା ଦରଠାରୁ କୌଣସି ଠିକାଦର କମ ଦରରେ ଟେଣ୍ଡର ପକାଇବେ ନାହିଁ ବୋଲି ପ୍ରସ୍ତାବ ଗୃହୀତ ହୋଇଥିଲା। ସଂଘର ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ଉକ୍ତ ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅନ୍ତର୍ଯ୍ୟାମୀ ସାହୁ,ରଶ୍ମି ରଞ୍ଜନ ମହାନ୍ତି, ମୁନା ଖାଁ, କୃଷ୍ଣଚନ୍ଦ୍ର ରଥ, ମୁକୁନ୍ଦ ମହାପାତ୍ରଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ଠିକାଦାର ଉପସ୍ଥିତ ଥିଲେ।

## ରାସ୍ତା ନ ଥିବା ଗାଁ ସାଧୁଆପଲ୍ଲୀ

ଖଣ୍ଡପଡ଼ା,୧୦।୧୧(ସ୍ୱ.ପ୍ର.)

■ ପାନୀୟ ଜଳ ସଙ୍କଟ ଉତ୍କଟ
■ ପ୍ରାଥମିକ ସ୍କୁଲରେ ୨ ବର୍ଷ ହେଲା ତାଲା ଝୁଲୁଛି
■ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହୋଇଛନ୍ତି ଗ୍ରାମବାସୀ

ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ୍ ଅଧୀନ ଗଡିଆସାହି ପଞ୍ଚାୟତର ସାଧୁଆପଲ୍ଲୀ। ଏହି ଛୋଟିଆ ଗାଁରେ ରୁହନ୍ତି ୨୨ ପରିବାର। ଦୀର୍ଘଦିନରୁ ଜିଲା ପ୍ରଶାସନର ଦୃଷ୍ଟି ଆଢୁଆରେ ଥିବା ଏହି ଗାଁକୁ ଭଲ ରାସ୍ତାଟିଏ ନାହିଁ। ଶିକ୍ଷା, ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏହି ଗାଁ ପଛରେ ପଡିଛି। ଜଙ୍ଗଲରୁ କାଠ, ପତ୍ର ଓ ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ କରି ଗାଁର ଲୋକମାନେ ନିଜର ଜୀବିକା ନିର୍ବାହ କରନ୍ତି। ଗଡିଆସାହି ମେଡିକାଲ ରାସ୍ତାରୁ ୧କିମି ଚାଲିଲେ ସାଧୁଆପଲ୍ଲୀ ଗାଁର ସୀମାରେ ପହଞ୍ଚିବାକୁ ହୁଏ। ହେଲେ ଗାଁ ଭିତରକୁ ଯିବାକୁ ହେଲେ ଅନ୍ୟର ଜମି ଉପରେ ଚାଲି ଚାଲି ଯିବାକୁ ପଡେ। ଏଥିପାଇଁ ଏହି ଗାଁକୁ ଆମ୍ବୁଲାନ୍ସ, କିମ୍ବା ଦମକଳ ଆସି ପାରେନାହିଁ। ଫଳରେ ରୋଗୀ ଓ ଗର୍ଭବତୀଙ୍କୁ ଦୋଳାରେ ଡାକ୍ତରଖାନା ନେବା ହୁଏ।

ଆଦିବାସୀ ମାଲୁଆକନ୍ଧ ଭାବେ ପରିଚିତ ଉକ୍ତ ଗାଁର ବାସିନ୍ଦା ମୁଖ୍ୟତଃ କୁଇ ଭାଷାରେ କଥାବାର୍ତ୍ତା ହୋଇଥାଆନ୍ତି। ଗାଁରେ ଥିବା ପ୍ରାଥମିକ ବିଦ୍ୟାଳୟରେ ଏବେ ତାଲା ଝୁଲୁଛି। ଛାତ୍ରୀଛାତ୍ରଙ୍କ ଉପସ୍ଥାନ କମି ଯିବାରୁ ସରକାରଙ୍କ ଯୋଜନା ଅନୁଯାୟୀ ସେହି ସ୍କୁଲକୁ ଗତ ୨ବର୍ଷ ହେଲା ବନ୍ଦ କରି ଦିଆ ଯାଇଛି। ଫଳରେ ଗଡିଆସାହି ସ୍କୁଲକୁ ପିଲାମାନେ ପାଠ ପଢ଼ିବାକୁ ଯାଉଛନ୍ତି ବୋଲି ଗ୍ରାମବାସୀ କହିଛନ୍ତି। ଜଙ୍ଗଲରୁ ପତ୍ର ସଂଗ୍ରହ ପରେ ଖଲି ସିଲାଇ କରିବା, ଅନ୍ୟ ପାଖରେ ମୂଲ ଲାଗିବା ଏହି ଗ୍ରାମବାସୀଙ୍କ କାମ। ସେହିପରି ଗାଁର ମହିଳାମାନେ ଛେଳି, ମେଣ୍ଢା ପାଳନ କରି ଜୀବିକା ନିର୍ବାହ କରିଥାଆନ୍ତି।

ପାନୀୟ ଜଳ ବି ଏହି ଗ୍ରାମବାସୀଙ୍କ ପାଇଁ ସ୍ୱପ୍ନ। କୂଅ, ପୋଖରୀ ନ ଥିବାରୁ ଗ୍ରାମରେ ଥିବା ୨ ନଳକୂପ ଉପରେ ଗ୍ରାମବାସୀ ନିର୍ଭର କରିଥାଆନ୍ତି। ହେଲେ ସେଥିମଧ୍ୟରୁ ଗୋଟିଏ ନଳକୂପ ଅଚଳ ହୋଇ ପଡିଛି। ଅନ୍ୟ ନଳକୂପରୁ ବାହାରୁଥିବା ଫ୍ଲୋରାଇଡ ଯୁକ୍ତ ନାଲିପାଣି ଲୋକଙ୍କ ଆବଶ୍ୟକତାକୁ ମେଣ୍ଟାଇରେ ଅସମର୍ଥ ହୋଇଛି। ସେହି ପାଣିରେ ଭାତ, ତରକାରୀ ରାନ୍ଧିଲେ ତାହା କଳା ପଡିଯାଉଥିବା ଅଭିଯୋଗ ହେଉଛି। ସ୍ନାନ ଶୌଚାଦି ପାଇଁ ଗ୍ରାମବାସୀ ଗାଁ ନିକଟ ମୋଡାନାଳକୁ ଯାଉଛନ୍ତି। ଗାଁକୁ ମେଗା ପାନୀୟ ଜଳ ଯୋଗାଣ ଯୋଜନାରେ ପାଇପ ବିଛା ଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇ ପାରୁ ନ ଥିବା ଗାଁର ମଙ୍ଗୁଳି ବେଷ୍ଣା, ସାବିତ୍ରୀ ବେହେରା, ସାଇବାଣୀ ବେହେରା, ମହେଶ୍ୱର ପ୍ରଧାନ, ଭିକାରୀ ପ୍ରଧାନ, ବଳରାମ ପ୍ରଧାନ ପ୍ରମୁଖ ଅଭିଯୋଗ କରିଛନ୍ତି।

ସରକାରଙ୍କ ଆବାସ ଯୋଜନାରୁ ଗ୍ରାମବାସୀ ବଞ୍ଚିତ ହୋଇଛନ୍ତି। ଇନ୍ଦିରା ଆବାସ କିମ୍ବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କେହି ସାମିଲ ହୋଇ ନାହାନ୍ତି। ପୂର୍ବରୁ ୨୫ ହଜାର ଟଙ୍କା ଯୋଜନାରେ କେତେଜଣ ଲୋକ ଘର ପାଇଁ କାର୍ଯ୍ୟାଦେଶ ପାଇଥିଲେ। ହେଲେ ସେତେବେଳେ ମଧ୍ୟସ୍ଥତା କରୁଥିବା ଦଲାଲମାନେ ଉକ୍ତ ଟଙ୍କା ଉଠାଇ ନେଇଥିଲେ। ଫଳରେ ଆଜି ପର୍ଯ୍ୟନ୍ତ ସେହି ଯୋଜନାରେ କୌଣସି ଘର ନିର୍ମାଣ ହୋଇ ନ ଥିବା ଅଭିଯୋଗ ହେଉଛି। ୮ନଂ. ୱାର୍ଡରେ ବାସ କରୁଥିବା ଲକ୍ଷ୍ମୀଧର ପ୍ରଧାନ,ସୋମ ପ୍ରଧାନ, ତ୍ରିନାଥ ପ୍ରଧାନ,ଭିକାରୀ ପ୍ରଧାନ, ଜୟ ପ୍ରଧାନ, ଚନ୍ଦ୍ରମଣି ପ୍ରଧାନ, ଭଗବାନ ପ୍ରଧାନ ପ୍ରମୁଖ ୨୦ରୁ ୨୨ ପରିବାର ଭଙ୍ଗା ଚାଳ ଛପର ଘରେ ମୁଣ୍ଡ ଗୁଞ୍ଜିଛନ୍ତି। ସେମାନଙ୍କୁ ଆବାସ ଯୋଜନାରେ ସାମିଲ କରାଯାଇ ନ ଥିବା ଗ୍ରାମର ଆନନ୍ଦ ଚନ୍ଦ୍ର ପ୍ରଧାନ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ଜିଲା ପ୍ରଶାସନକୁ ଏକାଧିକ ଥର ଅଭିଯୋଗ କଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହୋଇଛି।

ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ପ୍ରତିମା ଆଚାର୍ଯ୍ୟ କୁହନ୍ତି, ଗାଁକୁ ସ୍ଥାୟୀ ରାସ୍ତା ନିର୍ମାଣ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଥିଲା। ହେଲେ ବ୍ୟକ୍ତିଗତ ଜମି ହୋଇଥିବାରୁ ରାସ୍ତା ନିର୍ମାଣରେ ବାଧା ସୃଷ୍ଟି ହୋଇଛି। ଏହି ସମସ୍ୟାର ସମାଧାନ ପାଇଁ ଗ୍ରାମବାସୀଙ୍କ ସହ ଆଲୋଚନା କରାଯାଇଛି। ଜାଗା ଦଖଲରେ ଥିବା ବ୍ୟକ୍ତି ଓ ଗ୍ରାମବାସୀ ମଧ୍ୟରେ ବୁଝାମଣା କରାଯାଇ ଉକ୍ତ ସମସ୍ୟାର ସମାଧାନ କରାଯିବ। ପାନୀୟ ଜଳ ସମସ୍ୟାର ସମାଧାନ ନିମନ୍ତେ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଆଉ ପାଣି ସଙ୍କଟ ରହିବ ନାହିଁ।


ସାଧୁଆପଲ୍ଲୀ ଗାଁ।

## ସଂକ୍ଷେପରେ

### ଆନ୍ଦୋଳନସ୍ଥଳରେ ଅସୁସ୍ଥ ହେଲେ ମହିଳା

**କଳିଙ୍ଗନଗର,୧୦।୧୧(ଡି.ଏନ.ଏ.):** ନିଯୁକ୍ତି ଦାବିରେ କଳିଙ୍ଗନଗରସ୍ଥିତ ଜିନ୍ଦଲ ଷ୍ଟେନଲେଶ କାରଖାନା ମୁଖ୍ୟ ଫାଟକ ସମ୍ମୁଖରେ ଜମିହରା ବିସ୍ଥାପିତଙ୍କ ଚାଲିଥିବା ଆନ୍ଦୋଳନ ଗୁରୁବାର ତୃତୀୟ ଦିନରେ ପହଞ୍ଚିଛି। ତେବେ ଆନ୍ଦୋଳନ ସ୍ଥଳରେ ଜଣେ ମହିଳା ରଇବାରୀ ବଦରା(୩୨) ମଧ୍ୟାହ୍ନରେ ଅସୁସ୍ଥ ହୋଇ ପଡ଼ି ଯାଇଥିଲେ। ହେଲେ ଜିନ୍ଦଲ କର୍ତ୍ତୃପକ୍ଷଙ୍କୁ ବିସ୍ଥାପିତ କାକୁତି ମିନତି ହୋଇ ଆମ୍ବୁଲାନ୍ସ ମାଗିଥିଲେ ମଧ ସେମାନେ ଦେଇ ନ ଥିଲେ। ପରେ ଲୋକେ ଏକ ଗାଡ଼ି କରି ସମ୍ପୃକ୍ତ ମହିଳାଙ୍କୁ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ସେ ଚିକିତ୍ସାଧୀନ ଅଛନ୍ତି। ଅନ୍ୟପକ୍ଷରେ କେତେଜଣ ବିସ୍ଥାପିତ ଅତିରିକ୍ତ ଜିଲାପାଳଙ୍କ ଅଫିସକୁ ଯାଇଥିଲେ। ସେଠାରେ ୩ ଜିନ୍ଦଲ ଅଫିସରଙ୍କ ସହ ଆଲୋଚନା ହୋଇଥିଲା। କିନ୍ତୁ ଜିନ୍ଦଲ ଅଧିକାରୀ କିଛି କହି ପାରିବେନି ବୋଲି କହିଥିଲେ। ଉଚ୍ଚ ଅଧିକାରୀ ସୋମବାର ଆସିଲେ ଫାଇନାଲ ହେବ ବୋଲି ସୂଚନା ଦେଇଥିଲେ।। ତେବେ ଆଲୋଚନା ବିଫଳ ହୋଇଥିବାରୁ ଆନ୍ଦୋଳନକାରୀ ଧାରଣାରେ ବସିବେ ବୋଲି କହିଛନ୍ତି।

### ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍ ତାର, ଟ୍ରାନ୍ସଫର୍ମର



**କାଏମା,୧୦।୧୧ (ଡି.ଏନ.ଏ.):** ଟାଟା ପାୱାର ବିଦ୍ୟୁତ୍ ବିତରଣ କମ୍ପାନୀ (ଟିପିଏନଓଡିଏଲ)ଆସିବା ପରଠୁ ଉପଭୋକ୍ତାଙ୍କଠାରୁ ବକେୟା ବିଜୁଳି ଦେୟ ଆଦାୟ କରିବା ପଦକ୍ଷେପ ଗ୍ରହଣ କରାଯାଇଛି। ବକେୟା ରଖିଥିବା ଉପଭୋକ୍ତାଙ୍କ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଉଛି । ଦିନରେ ଘନ ଘନ ବିଦ୍ୟୁତ କାଟ ହେଉଥିବା ସହ ବିଦ୍ୟୁତ ସରବାରହ ବନ୍ଦ କରି କାମ ହେଉଥିବା କୁହାଯାଉଛି। ତଥାପି ଯାଜପୁର ଜିଲା କୁଆଖିଆ ଡିଭିଜନ ଧର୍ମଶାଳା ସବଡିଭିଜନରେ ଥିବା କୁଣ୍ଡପାଟଣା ସେକସନର ବିଭିନ୍ନ ସ୍ଥାନରେ ବିପଦସଙ୍କୁଳ ଅବସ୍ଥାରେ ଟ୍ରାନ୍ସଫର୍ମର ଓ ୧୧ କେଭି ତାର ଜମିରୁ କମ ଉଚ୍ଚତାରେ ଝୁଲୁଥିବା ନଜରକୁ ଆସିଛି। କୌଣସି ସ୍ଥାନରେ ଟ୍ରାନ୍ସଫର୍ମର ସୁରକ୍ଷା ବ୍ୟବସ୍ଥା ନାହିଁ । ଜଳେଶ୍ୱରପୁର ଗ୍ରାମର ଶିବ ମନ୍ଦିର ପାଖରେ ଥିବା ଟ୍ରାନ୍ସଫର୍ମରଟି ହାତପାହାନ୍ତାରେ ଚାନ୍ଦିନୀ ଉପରେ ଥୁଆ ହୋଇଛି। ସୁରକ୍ଷାର କୌଣସି ବ୍ୟବସ୍ଥା ନାହିଁ । ସେହିଭଳି ନୀଳକଣ୍ଠପୁର ଗାଁ ମଝିରେ ଥିବା ଟ୍ରାନ୍ସଫର୍ମର ଏକ ଚାନ୍ଦିନୀ ଉପରେ ବିନା ସୁରକ୍ଷା ବଳୟ ଭିତରେ ରଖାଯିବା ସହ ଖୁଣ୍ଟ ଦୁଇଟି ଢଳି ରହିଛି। ସେହିପରି ନରସିଂହପୁର, କୁଣ୍ଡପାଟଣା ଆଦି ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ବିଭାଗର ଅବହେଳା ନଜରକୁ ଆସିଛି । କିଛି ଦିନ ପୂର୍ବେ ଜମିରେ ୧୧ କେଭି ତାର ଝୁଲି ରହିଥିବାରୁ ତାହାର ସଂସ୍ପର୍ଶରେ ଆସି ଜଣେ ଚାଷୀଙ୍କ ମୃତ୍ୟୁ ହୋଇଥିଲା। ଏମିତି ଅନେକ ଘଟଣା ହେଉଥିଲେ ବିଦ୍ୟୁତ୍ ବିଭାଗର ନିଦ ଭାଙ୍ଗୁନି।

# ମାଟିଆଗୁଣ୍ଡି ପୋକ ଆତଙ୍କ



ଧାନ କ୍ଷେତରେ ଲାଗିଥିବା ମାଟିଆଗୁଣ୍ଡି ପୋକର ଅନୁଧାନ କରାଯାଉଛି।

**ଯାଜପୁର ଅଫିସ,୧୦।୧୧**

ଲଗାତର ବନ୍ୟା ଓ ମରୁଡ଼ି ଜିଲାର ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି। ଏହାସହ ଚଳିତବର୍ଷ ଧାନ ଅମଳ ଆରମ୍ଭ ହେବା ବେଳକୁ ଯାଜପୁର ଜିଲାର କୋରେଇ ବ୍ଲକ ୩ ପଞ୍ଚାୟତର ପ୍ରାୟ ୫ ଖଣ୍ଡ ଗାଁରେ ମାଟିଆଗୁଣ୍ଡି ପୋକ ଆତଙ୍କ ଦେଖାଦେଇଛି। ଗୋଟିଏ ପଟେ ବିହନ ଯୋଗାଣରେ କୃଷି ବିଭାଗର ଅପାରଗତା ଏବଂ ସାରର କଳାବଜାର ଚାଷୀମାନଙ୍କୁ ତଳିତଳାନ୍ତ କରୁଥିବାବେଳେ ପ୍ରାୟ ୪୦ ଜଣ ଚାଷୀଙ୍କ ୫୦ ଏକରରୁ ଊର୍ଦ୍ଧ୍ୱ ଚାଷ ଜମି ମାଟିଆଗୁଣ୍ଡି ପୋକ ଦ୍ୱାରା ନଷ୍ଟ ହୋଇଛି। ଏଥିଯୋଗୁ ଚାଷୀଙ୍କ ମୁଣ୍ଡରେ ଚଡ଼କ ପଡିଛି। ସାଦକପୁର, ହଲଦିଗଡିଆ ଓ ଚାରଦା ପଞ୍ଚାୟତର ଶାଳକଣା, ଖିଲିବଙ୍ଗା, ବନ୍ତଳା, ବ୍ରାହ୍ମଣ୍ଡା ଆଦି ଗାଁ ମାଟିଆଗୁଣ୍ଡି ପୋକ ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବାବେଳେ ଦିନକୁ ଦିନ ଏହା ଆଖପାଖ ଗାଁକୁ ସଂକ୍ରମିତ ହେବାରେ ଲାଗିଛି। ହଜାର ହଜାର ସଂଖ୍ୟାରେ ମାଟିଆଗୁଣ୍ଡି ପୋକ ଗୋଟାଏ ଫସଲ କ୍ଷେତକୁ ଚଢିଗଲା ପରେ ପାଖ କ୍ଷେତକୁ ଡେଇଁ ପୁଣି ବ୍ୟାପକ ଫସଲ ନଷ୍ଟ କରି ଚାଲିଛନ୍ତି।

ସପ୍ତାହକ ମଧ୍ୟରେ ଏହି ପୋକ ଦ୍ୱାରା ଏତେମାତ୍ରାରେ ଫସଲ ହାନୀ ହୋଇଛି ଯେ, ତାହା ଦେଖିବା ଲୋକ ହିଁ ବିଶ୍ୱାସ କରିବ । ଧାନ ଗଛ ମୂଳରେ ପୋକ ଲାଗି ଗଛକୁ ଶୋଷି ପକାଉଛି। ତାହା କ୍ରମଶଃ ସମ୍ପୂର୍ଣ୍ଣ ଭାବେ ଶୁଖି ଯାଉଥିବା ଦେଖିବାକୁ ମିଳିଛି। ଚାଷୀମାନଙ୍କ ଅଭିଯୋଗ ଅନୁସାରେ କୃଷି ବିଭାଗ ପକ୍ଷରୁ ଯେଉଁ ଔଷଧ ଯୋଗାଇ ଦିଆଯାଉଛି ତାହା ଠିକ ଭାବେ ଫଳପ୍ରଦ ହେଉନାହିଁ। ଏହାସହ ଔଷଧ ପାଇଁ ୫୦% ରିହାତି ରହିଥିଲେ ହେଁ ପ୍ରଥମେ ପୁରା ଦାମ ଦେବାକୁ ପଡୁଛି। ପରେ ଚାଷୀଙ୍କ ଆକାଉଣ୍ଟରେ ରିହାତି ଟଙ୍କା ଫେରସ୍ତ ହେବ ବୋଲି କୃଷି ବିଭାଗ କହୁଥିବାବେଳେ କେତେକାଂଶରେ ଚାଷୀମାନେ ତାହା ପାଉ ନ ଥିବା ଅଭିଯୋଗ ହୋଇଛି। ମାଟିଆଗୁଣ୍ଡି ପୋକରେ କ୍ଷତିଗ୍ରସ୍ତ ଚାଷୀ ମନୋରଞ୍ଜନ ଦାସ, ସୁବାସ ବେହେରା, ବିଷ୍ଣୁ ବେହେରା, ସନାତନ ମଲିକ, ଯୋଗେନ୍ଦ୍ର ସାହୁ ପ୍ରମୁଖ

### କୋରେଇ ଅଞ୍ଚଳ ଚାଷୀଙ୍କ ମୁଣ୍ଡରେ ଚଡ଼କ

ଏ ସମ୍ପର୍କରେ କହିଛନ୍ତି, ମାଟିଆଗୁଣ୍ଡି ପୋକ ଲାଗି କ୍ଷେତରେ ସବୁ ଧାନ ଶୁଖି ଯାଇଛି । ଏମିତି ସ୍ଥିତିରେ କେମିତି ବଞ୍ଚିବୁ ଏବଂ ଧାର କରଜ ଶୁଝିବୁ। ସବୁଠୁ ଦୁଃଖର ବିଷୟ କେତେକ ଗ୍ରାମ୍ୟ କୃଷି ଅଧିକାରୀଙ୍କ ପାଖରେ ଏ ସଂକ୍ରାନ୍ତୀୟ ଖବର ରହିଥିଲେ ହେଁ ସେମାନଙ୍କ ବିଳମ୍ବ ପଦକ୍ଷେପ ଯୋଗୁ ଚାଷୀ ସର୍ବସ୍ୱାନ୍ତ ହେଉଛନ୍ତି। କୃଷି ବିଭାଗ ପକ୍ଷରୁ ୫୦ ପ୍ରତିଶତ ରିହାତିରେ କୀଟନାଶକ ବିତରଣ କରାଯାଇଥିବାବେଳେ ତାହା ପର୍ଯ୍ୟାପ୍ତ ହେଉନାହିଁ । ଚାଷୀମାନେ ନିଜ କ୍ଷେତରେ କୀଟନାଶକ ସିଞ୍ଚନ କଲେ ପୋକ ଅନ୍ୟ କ୍ଷେତକୁ ଚାଲିଯାଉଛନ୍ତି। ୨ରୁ ୩ଦିନ ପରେ ପୁଣି କ୍ଷେତରେ ଲାଗୁଛନ୍ତି । ପୋକ କ୍ଷେତରେ ଚାଷକୁ ସମୂଳେ ନଷ୍ଟ କରିଥିବାବେଳେ ବଜାରରେ କୀଟନାଶକ ମିଳୁନାହିଁ। କୃଷି ବିଭାଗ ପକ୍ଷରୁ ଯୋଗାଇ ଦିଆଯାଉଥିବା ସ୍ପ୍ରେୟର ମେଶିନ ଓ କୀଟନାଶକ ସମୁଦ୍ରକୁ ଶଙ୍ଖେ ସଦୃଶ ହୋଇଛି। ମାଟିଆଗୁଣ୍ଡି ପୋକ ନିୟନ୍ତ୍ରଣ କରିବା ନେଇ ଚାଷୀ ଉପାୟଶୂନ୍ୟ ହୋଇପଡିଥିବାବେଳେ ଏ ଦିଗରେ କୃଷି ବିଭାଗର ତତ୍ପରତା ଅଭାବ ନେଇ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଗୁରୁବାର ଗ୍ରାମ୍ୟ କୃଷି ଅଧିକାରୀ ପ୍ରଶାନ୍ତ ବେହେରା କ୍ଷତିଗ୍ରସ୍ତ ଅଞ୍ଚଳ ଗସ୍ତ କରି ନୀରିକ୍ଷଣ କରିଛନ୍ତି।

## ବିଦ୍ୟାଳୟ ମିଶ୍ରଣ ବିରୋଧର ତଦନ୍ତ ଆରମ୍ଭ




ଖଇରାବାଦ ବିଦ୍ୟାଳୟରେ ତଦନ୍ତକାରୀ ଅଧିକାରୀ ଆଲୋଚନା କରୁଛନ୍ତି।

**ରସୁଲପୁର,୧୦।୧୧(ଡି.ଏନ.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ନରସିଂହପୁର ପଞ୍ଚାୟତର ବଡ଼ଗୋବିନ୍ଦପୁର ପ୍ରାଥମିକ ବିଦ୍ୟାଳୟକୁ ଖଇରାବାଦ ପ୍ରାଥମିକ ବିଦ୍ୟାଳୟରେ ମିଶ୍ରଣକୁ ନେଇ ହୋଇଥିବା ବିରୋଧର ତଦନ୍ତ ଆରମ୍ଭ ହୋଇଛି। ଗୁରୁବାର ୩ଜଣିଆ ତଦନ୍ତ ଅଧିକାରୀ କ୍ଷେତ୍ର ପରିଦର୍ଶନ କରି ତଦନ୍ତ କରିଛନ୍ତି। ବିଦ୍ୟାଳୟ ମିଶ୍ରଣକୁ ନେଇ ବିଭିନ୍ନ ଦିଗକୁ ତଦାରଖ କରାଯାଇଛି। ଏ ଦିଗରେ ଯାଜପୁର ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରାଯିବ। ଉକ୍ତ ରିପୋର୍ଟ ଆଧାରରେ ଜିଲାପାଳଙ୍କ ପକ୍ଷରୁ ପଦକ୍ଷେପ ନିଆଯିବ ବୋଲି ତଦନ୍ତ ଟିମ୍‌ର ମୁଖ୍ୟ ବିଡିଓ ଅବନିକାନ୍ତ ସାହୁ ପ୍ରକାଶ କରିଛନ୍ତି। ବିଡିଓ ସାହୁଙ୍କ ନେତୃତ୍ୱରେ ସିଡିପିଓ ସତ୍ୟଭାମା ସାହୁ, ଅତିରିକ୍ତ ତହସିଲଦାର ଶୁଭସ୍ମିତା ନାୟକ ଓ ଏବିଡିଓ ଦିବ୍ୟକାନ୍ତି ମିଶ୍ର ବିଦ୍ୟାଳୟସ୍ଥଳ ପରିଦର୍ଶନ କରିଥିଲେ। ଏହି ସମୟରେ ସେମାନେ ମିଶ୍ରଣ ବିଦ୍ୟାଳୟ ଓ ମୂଳ ବିଦ୍ୟାଳୟ ମଧ୍ୟରେ ଦୂରତା, ଉଭୟ ବିଦ୍ୟାଳୟର ଶେଷ ୩ବର୍ଷର ଉପସ୍ଥାନ, ବିଦ୍ୟାଳୟ ମିଶ୍ରଣରେ ପ୍ରତିବନ୍ଧକ କ'ଣ ରହିଛି, ବିଦ୍ୟାଳୟର ବିଦ୍ୟାର୍ଥୀ ଓ ଅଭିଭାବକଙ୍କ ପ୍ରତିକ୍ରିୟା ନେଇଥିଲେ।

ସୂଚନାଯୋଗ୍ୟ, ରସୁଲପୁର ବ୍ଲକ ଶିକ୍ଷାଧିକାରୀଙ୍କ ପକ୍ଷରୁ ବିଦ୍ୟାଳୟ ମିଶ୍ରଣ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଫଳରେ ବ୍ଲକରେ ୯ଟି ବିଦ୍ୟାଳୟ ମିଶ୍ରଣ କରାଯାଇଛି। ମାତ୍ର ଉକ୍ତ ନିଷ୍ପତ୍ତିକୁ ଟିକରପଡ଼ା ଓ ନରସିଂହପୁର ପଞ୍ଚାୟତରେ ବିରୋଧ କରାଯାଇଥିଲା । ଉକ୍ତ ବିଦ୍ୟାଳୟ ମିଶ୍ରଣକୁ ନେଇ ଅଭିଯୋଗ ଆସିବା ସହ ଏ ଦିଗରେ କୋର୍ଟରେ ମାମଲା ରୁଜୁ କରାଯାଇଛି। ଏହାଛଡ଼ା ଏ ଦିଗରେ ଅଭିଭାବକ ଓ ଗ୍ରାମବାସୀ ପକ୍ଷରୁ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଅଭିଯୋଗ ଜରିଆରେ ଅବଗତ କରାଯାଇଥିଲା। ଅଭିଯୋଗ ଆଧାରରେ ମିଶ୍ରଣ ବିଦ୍ୟାଳୟକୁ ନେଇ ଜିଲାପାଳଙ୍କ ପକ୍ଷରୁ ତଦନ୍ତ ଦାୟିତ୍ୱ ବିଡିଓଙ୍କୁ ପ୍ରଦାନ କରାଯାଇଥିଲା।

## ଶିଶୁଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ କରୁଛି ସୁରଭି




ସୁରଭି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଓ ଅନ୍ୟମାନେ।

**ଯାଜପୁର, ଟାଉନ,୧୦।୧୧(ଡି.ଏନ.ଏ.)**

### ଜିଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'-୨୦୨୨

ଯାଜପୁର ଜିଲା ସ୍କୁଲ୍ ପରିସରରେ ଗୁରୁବାର ଜିଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'-୨୦୨୨ ଅନୁଷ୍ଠିତ ହୋଇଯାଇଛି। ଜିଲା ସମଗ୍ର ଶିକ୍ଷା ଅଭିଯାନ ଆନୁକୂଲ୍ୟରେ ଆୟୋଜିତ ଉତ୍ସବରେ ଜିଲା ଶିକ୍ଷା ଅଧିକାରୀ ରଞ୍ଜନ କୁମାର ଗିରି ସଭାପତିତ୍ୱ କରିଥିଲେ। ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅକ୍ଷୟ କୁମାର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ, ଶିଶୁ ହସିଲେ, ଦୁନିଆଁ ହସେ। ସେମାନଙ୍କ ଅନ୍ତର୍ନିହିତ ଗୁଣାବଳୀର ବିକାଶ ତଥା ପ୍ରତିଭାର ଉନ୍ମେଷ ପାଇଁ ବ୍ଲକସ୍ତରରୁ ଜିଲାସ୍ତରରେ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏହାଦ୍ୱାରା ସେମାନଙ୍କର ପ୍ରତିଭା ଜିଲାରୁ ରାଜ୍ୟ ଓ ଅନ୍ତର୍ଜାତୀୟସ୍ତରରେ ପହଞ୍ଚି ପାରିବ। ମୁଖ୍ୟବକ୍ତା ଭାବେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରୋଜ କୁମାର ଶତପଥୀ, ସମ୍ମାନିତ ଅତିଥି ଭାବେ ଜିଲା ସଂସ୍କୃତି ଅଧିକାରୀ ଦୁର୍ଯ୍ୟୋଧନ ମଲ୍ଲିକ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ କୃତିବାସ ବାରିକ, ଶଶୀଧର ସିଂହ, ଯାଜପୁର ଅତିରିକ୍ତ କୃଷି ନିର୍ଦ୍ଦେଶକ ହୃଷୀକେଶ ପଣ୍ଡା ଯୋଗଦେଇ ଛାତ୍ରୀଛାତ୍ରଙ୍କ ପାରଦର୍ଶିତା ଉପରେ ଆଲୋଚନା କରିଥିଲେ।

ଉତ୍ସବର ଦ୍ୱିତୀୟ ଅଧିବେଶନ ତଥା ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଦୁଃଖବନ୍ଧୁ ନାୟକ ଯୋଗଦେଇ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ପ୍ରଦର୍ଶନ କରି ଦେଶ ଓ ଜାତିର ନାଁ ରଖିବେ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ, ସମ୍ମାନିତ ଅତିଥି ଭାବେ ସହକାରୀ ଜିଲାପାଳ ତିଲୋତ୍ତମା ପୃଷ୍ଟି ସୁରଭିର ଆୟୋଜନ ଓ ଆମ ଜିଲାର କୃତିତ୍ୱ ଉପରେ ଆଲୋକପାତ କରିଥିଲେ। ଜିଲାର ବ୍ଲକସ୍ତରରେ 'ସୁରଭି' କାର୍ଯ୍ୟକ୍ରମ ମାଧ୍ୟମରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇଥିଲେ। ସେଥିରୁ ୨୪ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଏହି ଉତ୍ସବରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଉକ୍ତ କୃତୀ ପ୍ରତିଯୋଗୀମାନେ ଆସନ୍ତା ୧୪ ତାରିଖ ଶିଶୁ ଦିବସରେ ହେବାକୁ ଥିବା ରାଜ୍ୟସ୍ତରୀୟ 'ସୁରଭି' ଉତ୍ସବରେ ମଧ ପୁରସ୍କୃତ ହେବେ। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଜିଲାର ବିଭିନ୍ନ ବିଦ୍ୟାଳୟ ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରୀଛାତ୍ର, ଅଭିଭାବକ, ଜିଲା ସମଗ୍ର ଶିକ୍ଷାର ସମସ୍ତ ଅଧିକାରୀ, କର୍ମଚାରୀ ଏବଂ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେ।

## ଭାଗବତ କଥାମୃତ ଉଦ୍‌ଯାପିତ

**ଯାଜପୁର ସଦର,୧୦।୧୧(ଡି.ଏନ୍.ଏ.)**

ଯାଜପୁର ଜିଲା ଗୀତା ଜାଗରଣ ପରିଷଦ ଆନୁକୂଲ୍ୟରେ ସପ୍ତାହ ବ୍ୟାପୀ ଆୟୋଜିତ ଭାଗବତ କଥାମୃତ ଉଦ୍‌ଯାପିତ ହୋଇଯାଇଛି। ଉତ୍ସବରେ ପରିଷଦ ସଭାନେତ୍ରୀ ପ୍ରତୀମା କରଙ୍କ ଅଧ୍ୟକ୍ଷତାରେ ଏକ ସଭା ଆୟୋଜନ କରାଯାଇଥିଲା। ବରିଷ୍ଠ ଉପଦେଷ୍ଟା ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ, ଗଦାଧର ରାଉତ ଯୋଗଦେଇ ଭାଗବତର ମହତ୍ୱ ଉପରେ ଆଲୋଚନା କରିଥିଲେ। ଗାୟକ ଚୁଡ଼ାମଣୀ ଜଗବନ୍ଧୁ ଓଝାଙ୍କୁ ଗାୟକ ସୁଧାକର ଚନ୍ଦ୍ର ପରାମାନନ୍ଦ ଶରଣ ସ୍ମୃତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରବଚକ ନିତ୍ୟାନନ୍ଦ ଦେଓ ଅନ୍ତିମ ସନ୍ଧ୍ୟାରେ ଭାଗବତର ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିବା ସହିତ ଭଗବାନଙ୍କୁ ପାଇବାକୁ ହେଲେ ନିଷ୍କାମ ଭକ୍ତିର ଆବଶ୍ୟକତା ଅପରିହାର୍ଯ୍ୟ ବୋଲି ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ଉପସଭାପତି କ୍ଷୀରୋଦଚନ୍ଦ୍ର ପାଠୀ ଯୋଗ ଦେଇଥିଲେ। ସମ୍ପାଦକ ଭାସ୍କର ମହାନ୍ତି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସାଂସ୍କୃତିକ ସମ୍ପାଦକ ଗୁଣମଣି ପାଣିଗ୍ରାହୀ ନିଜର ବକ୍ତବ୍ୟରେ ଅନୁଷ୍ଠାନ ପ୍ରତି ତାଙ୍କର ନିଷ୍ଠା ଓ ଚେଷ୍ଟା ଜାରି ରଖିବେ ବୋଲି କହିଥିଲେ। ସୁବାସ ମହାପାତ୍ର, ରବିନାରାୟଣ କର, ଅକ୍ଷୟ ମିଶ୍ର, ଜନାର୍ଦ୍ଦନ ମହାନ୍ତି, ଫାଗୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସହ ସମ୍ପାଦକ ବୃନ୍ଦାବନ ମିଶ୍ର ଧନ୍ୟବାଦ ଦେଇଥିଲେ।

## ପ୍ରାଣକୃଷ୍ଣ ବେହେରାଙ୍କ ପ୍ରଥମ ଶ୍ରାଦ୍ଧୋତ୍ସବ

**ଧର୍ମଶାଳା,୧୦।୧୧(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ ଅଧୀନ ଚୋରମୁହାଁ ଗ୍ରାମର ଧର୍ମପରାୟଣ ବ୍ୟକ୍ତି ପ୍ରାଣକୃଷ୍ଣ ବେହେରାଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧୋତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ପୂର୍ବତନ ଏମ୍‌ପି ରୀତା ତରାଇ, ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ଜିଲା ପରିଷଦ ସଭ୍ୟ ଜଳଧର ମହାନ୍ତି, ସ୍ମୃତିରେଖା ବେହେରା, ବିଧାୟକଙ୍କ ପ୍ରତିନିଧି ନିର୍ମଳ ପ୍ରଧାନ, ପୂର୍ବତନ ଜିଲ ପରିଷଦ ସଭ୍ୟା ମମତା ଦଣ୍ଡପାଟ, କ୍ଷୀରାବ୍ଧି ତନୟା ମଲିକ, ଜିଲା ଛାତ୍ର ବିଜେଡି ସଭାପତି ସୌମ୍ୟପ୍ରକାଶ ବିଶ୍ୱାଳ, ଚୋରମୁହାଁ ସରପଞ୍ଚ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ସମିତିସଭ୍ୟ ପ୍ରଦୀପ କୁମାର ସାହୁ ପ୍ରମୁଖ ଯୋଗଦେଇ ତାଙ୍କ ଫଟୋଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

ସେହିପରି ପୂର୍ବତନ ଜିଲା ପରିଷଦ ସଭ୍ୟା ସବିତା ବେହେରା, ଅବସରପ୍ରାପ୍ତ ଅଧ୍ୟାପକ ରାଧାଶ୍ୟାମା ସାହୁ, ଆନନ୍ଦ ବିହାରୀ ନାୟକ, ସୂର୍ଯ୍ୟମଣି ବାରିକ, ସ୍ୱପ୍ନାମଞ୍ଜରୀ ଲେଙ୍କା, ଉର୍ମିଳା ବାରିକ, ଚୈତନ୍ୟ ବାରିକ, ସହଦେବ ସର, ସରୋଜମଣି ବାରିକ, ନବୀନ ମହାନ୍ତି, ଗୁରୁଚରଣ ମହାନ୍ତି, କାର୍ତ୍ତିକ ବେହେରା, ମାୟାଧର ବେହେରା, ସୁମନ୍ତ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ବେହେରାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ବେହେରାଙ୍କ ପୁତ୍ର ମହେଶ୍ୱର ବେହେରା, ଈଶ୍ୱର ବେହେରା ଓ ଗଣେଶ୍ୱର ବେହେରା ଶ୍ରଦ୍ଧୋତ୍ସବରେ ଯୋଗଦେଇଥିବା ଅତିଥି ଓ ସମସ୍ତ ବ୍ୟକ୍ତିବିଶେଷଙ୍କୁ ଧନ୍ୟବାଦ ଦେଇଥିଲେ।



ପ୍ରାଣକୃଷ୍ଣ ବେହେରାଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରାଯାଉଛି।

## ସତ୍ୟସାଇ ବାଳବିକାଶ ଛାତ୍ରୀଛାତ୍ରଙ୍କ ସୃଜନଶୀଳ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ।

**ଚଣ୍ଡିଖୋଲ,୧୦।୧୧(ଡି.ଏନ୍.ଏ.)**

ସତ୍ୟସାଇ ସେବା ସଂଗଠନର କେନ୍ଦ୍ରାପଡ଼ା ଜିଲା ପକ୍ଷରୁ ଆନନ୍ଦ ମହୋତ୍ସବ-ଫେଷ୍ଟିଭାଲ ଅଫ୍ ଜୟ କାର୍ଯ୍ୟକ୍ରମ ବଡ଼ଚଣା ବ୍ଲକ ଅନ୍ତର୍ଗତ ପଲାଇ ସାଇ ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ୧୧ଟି ସେବା ସମିତି ଓ ୧୪ଟି ଭଜନମଣ୍ଡଳୀର ୧୫୫ରୁ ଅଧିକ ବାଳବିକାଶ ଛାତ୍ରୀଛାତ୍ର ଏବଂ ସତ୍ୟସାଇ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରି ସେମାନଙ୍କ ସୃଜନଶୀଳ ପ୍ରତିଭାର ପରିସ୍ଫୁଟନ କରିଥିଲେ। ସତ୍ୟସାଇଙ୍କ ନିକଟରେ ଜ୍ୟୋତି ଆବାହନ ପୂର୍ବକ ଉତ୍ସବ ଉଦ୍‌ଘାଟିତ ହୋଇଥିଲା। ପିଲାଙ୍କ ମଧ୍ୟରେ ବକ୍ତୃତା, ସୃଜନଶୀଳ ଲିଖନ, ବେଦଗାନ, ଏକକ ସଂଗୀତ ଗାନ, ଏକକ ଅଭିନୟ, ଶୈକ୍ଷିକ ସରଞ୍ଜାମ ପ୍ରସ୍ତୁତି, ଛୋଟି, ରଙ୍ଗୋଲି ଅଙ୍କନ, ପୂଜା ସାଜସଜ୍ଜା, ଲେମନ ରେସ୍, ସ୍କିପି, ମ୍ୟୁଜିକ୍ ଚେୟାର ଓ କୁଇଜ୍ ଭଳି ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ୨ ବାଳବିକାଶ ଛାତ୍ରୀଛାତ୍ର ସେମାନଙ୍କ ଅନୁଭୂତି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ସାର୍ଟିଫିକେଟ ସହିତ ସମସ୍ତ ପ୍ରତିଯୋଗୀ ଛାତ୍ରୀଛାତ୍ରଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ପୂର୍ବାହ୍ନରେ ପ୍ରଶାନ୍ତି ଧ୍ୱଜା ଉତ୍ତୋଳନ କରାଯାଇଥିଲା। ଜିଲା ସଭାପତି ରାଧାକୃଷ୍ଣ ସାହୁ ଉଦ୍‌ଘାଟନୀ ଉଦ୍‌ବୋଧନ ଦେଇଥିଲାବେଳେ ଜିଲା ମହିଳା ଶିକ୍ଷା ସଂଯୋଜିକା ନିରୁପମା ଭୂୟାଁ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ପୂର୍ବତନ ଜିଲା ସଭାପତି ଚନ୍ଦ୍ରମଣି ସାହୁଙ୍କ ସମେତ ଅନେକ ସାଇଆଶ୍ରିତ ଭଉଣୀଭାଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲା ଶିକ୍ଷା ସଂଯୋଜକ ସୁରେଶ କୁମାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଓଏମ୍‌ସିର ୨ ବନ୍ଦ ଖଣି ଖୋଲିବାକୁ ଦାବି

**କାଳିଆପାଣି,୧୦।୧୧(ଡି.ଏନ.ଏ.)**

ଓଡ଼ିଶା ଖଣି ନିଗମ(ଓଏମ୍‌ସି)ର ବନ୍ଦଥିବା କାଠପାଳ ଓ କଲରଙ୍ଗୀ ଖଣି ଖୋଲିବାକୁ ଦାବି ହୋଇଛି। ଏନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ଗ୍ରାମ୍ୟ ଉନ୍ନୟନ ଓ ଦକ୍ଷତା ବିକାଶ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

ସୂଚନା ଅନୁଯାୟୀ, ସୁକିନ୍ଦା କ୍ରୋମାଇଟ୍ ଖଣି ଅଞ୍ଚଳରେ ଓଏମ୍‌ସିର କାଠପାଳ ଓ କଲରଙ୍ଗୀ ଖଣିକୁ ୨୦୦୦ ଓ ୨୦୦୧ରୁ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ବନ୍ଦ କରାଯାଇଛି। ବନ୍ୟପ୍ରାଣୀ ବିଚରଣସ୍ଥଳୀ ଦର୍ଶାଇ ଖଣିକୁ ବନ୍ଦ କରିଦେବା ପରେ ୨ ଖଣିରେ କାର୍ଯ୍ୟ କରୁଥିବା ୧୦୦୦ରୁ ଉର୍ଦ୍ଧ୍ୱ ଶ୍ରମିକ ଓ କର୍ମଚାରୀଙ୍କ ମଧ୍ୟରୁ କେତେଜଣଙ୍କୁ ବଦଳି ସହ ଛଟେଇ କରାଯାଇଥିଲା। ଫଳରେ ଖଣିରେ କାର୍ଯ୍ୟ କରୁଥିବା କର୍ମଚାରୀ ଓ ଶ୍ରମିକମାନେ ଅନ୍ୟ ଉପାୟ ନ ପାଇ ଭାଗ୍ୟକୁ ଆଦରି ବସି ରହିଥିଲେ। ତେବେ ଦୀର୍ଘ ୨୨ବର୍ଷ ପରେ ଖଣି ନିଗମ ପକ୍ଷରୁ ଉକ୍ତ ଖଣିକୁ ସଚଳ କରିବା ପାଇଁ ଆନୁଷଙ୍ଗିକ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହାକୁ ନେଇ ଖଣି ସଂଲଗ୍ନ ରାଁସୋଳ, ଚିଙ୍ଗୁଡ଼ିପାଳ, କାଳିଆପାଣି, କଅଁସ ଓ ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ୍ ମରୁଆବିଲ ପଞ୍ଚାୟତର ଶତାଧିକ ଯୁବକ, କର୍ମଚାରୀ ଓ ଶ୍ରମିକ କଲରଙ୍ଗୀ ଶିବମନ୍ଦିର ପ୍ରାଙ୍ଗଣରେ ଏକାଠି ହୋଇ ବୈଠକ କରିଥିଲେ। ପରେ ମନ୍ତ୍ରୀଙ୍କୁ ଲିଖିତ ଭାବେ ଦାବିପତ୍ର ଦେଇଥିଲେ। ରାଁସୋଳ ସରପଞ୍ଚ ଅଞ୍ଜଳି ସର୍ଦ୍ଦାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପୂର୍ବତନ ସୁକିନ୍ଦା ବ୍ଲକ ଅଧ୍ୟକ୍ଷା ଭଗବତୀ ମହାନ୍ତ, କାଳିଆପାଣି ସରପଞ୍ଚ ବିକାଶ ପାତ୍ର, କଅଁସ ସରପଞ୍ଚ ରାଜାରାଣୀ ଦେହୁରି, ଶ୍ରମିକ ସଂଘ ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଧୀର, ସହସମ୍ପାଦକ ଭରତ ମହାନ୍ତ, ପୂର୍ବତନ ଜିଲା ପରିଷଦ ସଭ୍ୟ ବିଦ୍ୟାଧର ପାତ୍ରଙ୍କ ସମେତ କଙ୍କଡ଼ାହାଡ଼ ବ୍ଲକ୍ ଅଞ୍ଚଳର ବହୁ ଲୋକ ସାମିଲ ଥିଲେ।



ଅଞ୍ଚଳବାସୀଙ୍କ ପକ୍ଷରୁ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୧ ନଭେମ୍ବର, ୨୦୨୨

## ୧୦୮ ଆମ୍ବୁଲାନ୍ସ ପକ୍ଷରୁ ରକ୍ତଦାନ ଶିବିର

ଫୁଲବାଣୀ ଅଫିସ: ୧୦୮ ଆମ୍ବୁଲାନ୍ସ ସେବାକୁ ଇତିମଧ୍ୟରେ ୯ ବର୍ଷ ପୁରିଛି । ଏହି ଉପଲକ୍ଷେ ଗୁରୁବାର ଫୁଲବାଣୀ ରକ୍ତ ଭଣ୍ଡାରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମନୋଜ କୁମାର ଉପାଧ୍ୟାୟ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫୁଲବାଣୀ ରକ୍ତ ଭଣ୍ଡାର ଅଧିକାରୀ ଡା. ଜୟଦୀପ ଘୋଷ, ୧୦୮ ଆମ୍ବୁଲାନ୍ସର ବ୍ଲକସ୍ତରୀୟ ଲିଡ଼ର ସୁନୀଲ କୁମାର ମିଶ୍ର, ଡାଟା ମ୍ୟାନେଜର ପ୍ରଶାନ୍ତ କୁମାର ରହାଲୁ, ଲ୍ୟାବ ଟେକ୍ନିସିଆନ ସୁଜିତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ମୋଟ ୩୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା।



## ସଂକ୍ଷେପରେ

### ଟିପ୍ପରର ଧକ୍କାରେ ବାଇକ୍ ଆରୋହୀ ମୃତ

ଆସିକା,୧୦।୧୧(ଡି.ଏନ.ଏ)-ଆସିକା ଥାନା ଅନ୍ତର୍ଗତ ଖଡଭାଗ ନିକଟ ୫୯ ନମ୍ବର ଜାତୀୟ ରାଜପଥରେ ଗୁରୁବାର ଅପରାହ୍ଣରେ ଏକ ବାଲି ବୋଝେଇ ଟିପ୍ପର ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି । ସେ ହେଲେ ଏହି ଥାନା ଅନ୍ତର୍ଗତ କେ.ନୂଆଗାଁ ଗ୍ରାମର କେଶବ ଚନ୍ଦ୍ର ପଟ୍ଟନାୟକ । କେଶବ ବାଇକ୍ (ଓଆର ୦୭ଜେଡ ୩୫୩୨) ଯୋଗେ ବ୍ରହ୍ମପୁରରୁ ଗ୍ରାମକୁ ଫେରୁଥିଲା ବେଳେ ବ୍ରହ୍ମପୁର ପଟକୁ ଯାଉଥିବା ଟିପ୍ପର (ଓଆର୧୪ଟି୬୦୭୦) ଧକ୍କା ଦେଇ କେଶବଙ୍କ ମୁଣ୍ଡରେ ଚକା ମାଡିଯାଇଥିଲା। ପୋଲିସ ଦୁର୍ଘଟଣା ଘଟାଇଥିବା ଗାଡି ଓ ମୃତଦେହକୁ ଜବତ କରିଛି। ମୃତକଙ୍କ ପୁଅ ଦୁର୍ଗା ପ୍ରସାଦ ପଟ୍ଟନାୟକଙ୍କ ଅଭିଯୋଗ ପ୍ରକାରେ ୭୮୧/୨୨ରେ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି।

### ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

ପୁରୁଷୋତ୍ତମପୁର,୧୦।୧୧(ଡି.ଏନ.ଏ.)- ପୁରୁଷୋତ୍ତମପୁର ଥାନା ଭାଟକୁମରଡା ଗ୍ରାମର ରାଜମିସ୍ତ୍ରୀ ଭାବେ କାର୍ଯ୍ୟ କରୁଥିବା ବିବାହିତ ଯୁବକ ଅନାଥ ସ୍ୱାଇଁ (୩୫)ଙ୍କୁ ବଳାତ୍କାର ଅଭିଯୋଗରେ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଆଇଆଇଆଇସି ପ୍ରିୟସରଞ୍ଜନ ଛୋଟରାୟ କହିଛନ୍ତି, ଅଞ୍ଚଳର ଜଣେ ଗରିବ ଶ୍ରେଣୀର ଯୁବତୀ ରାଜମିସ୍ତ୍ରୀ ଅନାଥଙ୍କ ସହ ମୂଲ ଖଟିବାଲାଗି ଯାଉଥିଲେ। ଯୁବତୀଙ୍କ ସରଳତାର ସୁଯୋଗ ନେଇ ତାଙ୍କୁ ବିଭିନ୍ନ ପ୍ରକାର ଧମକ ଦେଇ ସେ ୩ ମାସରୁ ଉର୍ଦ୍ଧ ହେଲା ବିଭିନ୍ନ ସ୍ଥାନକୁ ନେଇ ବାରମ୍ବାର ବଳାତ୍କାର କରିବା ସହ ନଗ୍ନ ଫଟୋ ଓ ଭିଡିଓ ଉତ୍ତୋଳନ ମଧ କରିଥିଲେ। ଇତିମଧ୍ୟରେ ଯୁବତୀଙ୍କର ବିବାହ ସ୍ଥିର ହୋଇଥିବାରୁ ଅନାଥ ତାଙ୍କୁ ବାରଣ କରି ନଗ୍ନ ଫଟୋ ଓ ଭିଡିଓ ଭାଇରାଲ କରିଦେବେ ବୋଲି ଧମକ ଦେଇଥିଲେ। ଏ ନେଇ ଯୁବତୀ ଜଣଙ୍କ ଥାନାରେ ଅଭିଯୋଗ କରିଛନ୍ତି। ନଂ ୬୭୧/୨୨ ମାମଲା ରୁଜୁ ହୋଇଛି। ମହିଳା ଓ ଶିଶୁ ଡେସ୍କ ଅଧିକାରୀ ଏସ୍‌ଆଇ ପ୍ରିୟଙ୍କା ବେହେରାଙ୍କ ତଦନ୍ତ ପ୍ରକାରେ ଯୁବତୀଙ୍କୁ ବ୍ରହ୍ମପୁର ବଡମେଡିକାଲକୁ ନେଇ ଡାକ୍ତରୀ ମାଇନା କରାଯିବା ସହ ପୁରୁଷୋତ୍ତମପୁର ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ଅଦାଲତରେ ବୟାନ ରେକର୍ଡ କରାଯାଇଛି। ଅଭିଯୁକ୍ତ ଅନାଥ ସ୍ୱାଇଁଙ୍କୁ ମଧ ଡାକ୍ତରୀ ମାଇନା କରାଯାଇଛି।

### ବାସ୍କେଟବଲ, ଫୁଟ୍‌ବଲ ଦଳ ଚୟନ ପାଇଁ ପ୍ରଶିକ୍ଷଣ

ଗୋପାଳପୁର,୧୦।୧୧(ଡି.ଏନ.ଏ.)- ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ଅନ୍ତଃ ବିଶ୍ୱବିଦ୍ୟାଳୟ ବାସ୍କେଟବଲ ମହିଳା ଓ ଫୁଟବଲ ପୁରୁଷ ଦଳ ଚୟନ ପାଇଁ ବିଶ୍ୱବିଦ୍ୟାଳୟ ଷ୍ଟାଡିୟମରେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ବାସ୍କେଟବଲ କୋଚ ଭାବେ ଆଶିଷ କୁମାର ଜେନା ଫୁଟବଲରେ ରାଜେଶ କୁମାର ମହାନ୍ତି ପ୍ରଶିକ୍ଷଣ ଦେଉଛନ୍ତି। ଚୟନ ପରେ ବାସ୍କେଟବଲ ମହିଳା ୧୫ରୁ ୧୮ ତାରିଖ ପର୍ଯ୍ୟନ୍ତ ମେଘାଳୟ ସ୍ଥିତ ୟୁନିଭରସିଟି ଅଫ ସାଇନ୍ସ ଏଣ୍ଡ ଟେକ୍ନୋଲୋଜି ଠାରେ ହେବାକୁ ଥିବା ଅନ୍ତଃ ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତାରେ ଭାଗ ନେବେ। ସେହିପରି ୧୧ରୁ ୧୮ ତାରିଖ ପର୍ଯ୍ୟନ୍ତ ରାଞ୍ଚି ସ୍ଥିତ ବିର୍ଲା ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି ଠାରେ ହେବାକୁ ଥିବା ଅନ୍ତଃ ବିଶ୍ୱବିଦ୍ୟାଳୟ ଫୁଟବଲ ପୁରୁଷ ପ୍ରତିଯୋଗିତାରେ ଭାଗ ନେବେ ବୋଲି କ୍ରୀଡ଼ା ପରିଷଦର ସମ୍ପାଦକ ପ୍ରଫେସର ଗଣେଶ ସେଠୀ କହିଛନ୍ତି।

# ଅରେଞ୍ଜ ଜୋନ୍‌ରେ କେନ୍ଦ୍ରାପଡ଼ା

- ଜଳ ସହ ବାୟୁ ପ୍ରଦୂଷଣ ବଢୁଛି
- ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ପରିବେଶବିତ୍‌ଙ୍କ ଦାବି

**କେନ୍ଦ୍ରାପଡ଼ା ଅଫିସ, ୧୦।୧୧**

କେନ୍ଦ୍ରାପଡ଼ା ଜିଲାରେ ଦିନକୁଦିନ ବାୟୁ ପ୍ରଦୂଷଣ ବଢ଼ି ଚାଲିଛି। ବାୟୁ ଗୁଣବତ୍ତା ସୂଚୀର ୨୨୫କୁ ଛୁଇଁ ଏକ ଉଦ୍‌ବେଗଜନକ ପରିସ୍ଥିତି ସୃଷ୍ଟି କରିଛି। ଏହି ଜିଲାରେ ଖଣି ନାହିଁ। ଶିଳ୍ପ ଅଦ୍ୟାବଧି ପ୍ରତିଷ୍ଠା ହୋଇ ନ ଥିବା ବେଳେ ରେଳରୁ ଧୂଆଁ ବାହାରୁ ନାହିଁ। ଏହାସତ୍ତ୍ୱେ ପ୍ରତିବର୍ଷ ବାୟୁ ପ୍ରଦୂଷଣକୁ ନେଇ ହେଉଥିବା ସର୍ଭେ ଚିନ୍ତାର କାରଣ ସାଜିଛି। ଆକ୍ୟୁୱେଦର ଡଟ କମ ସର୍ଭେ ଅନୁଯାୟୀ, କେନ୍ଦ୍ରାପଡ଼ାର ଏୟାର କ୍ୱାଲିଟି ଇଣ୍ଡେକ୍ସ (ଏକ୍ୟୁଆଇ) ସକାଳ ସାଢେ ୫ଟାରେ ୨୧୫ ଓ ପୂର୍ବାହ୍ନ ସାଢେ ୯ଟାରେ ୨୨୫ ପଏଣ୍ଟ ହୋଇ ଗ୍ରୀନ, ୟେଲୋକୁ ଟପି ଅରେଞ୍ଜ ଜୋନରେ ପହଞ୍ଚି ଥିଲା। ଏଠାରେ ଏୟାର ପାର୍ଟିକୁଲେଟ ମ୍ୟାଟର (ପିଏମ୍) ୧୦ ଓ ପିଏମ୍ ୨.୫ ସ୍ତର ଅଧିକ ହେବାରେ ଲାଗିଛି। ଫଳରେ ସ୍ୱାସ୍ଥ୍ୟଗତ ସମସ୍ୟା ଲାଗି ରହିବ ବୋଲି ଏଠାରେ ସତର୍କ ସୂଚନା ଦିଆଯାଇଛି। ଜଳ ସହିତ ବାୟୁ ପ୍ରଦୂଷଣର ତୁରନ୍ତ ନିୟନ୍ତ୍ରଣ ନ ହେଲେ ଏକ୍ୟୁଆଇ ବଢ଼ି ରେଡ ଜୋନରେ ରହିବ ବୋଲି ପରିବେଶବିତ୍‌ମାନେ ଆଶଙ୍କା ପ୍ରକଟ କରିଛନ୍ତି।

ଏ ସମ୍ପର୍କରେ ଡା. ବୀରେନ୍ଦ୍ର କୁମାର ଦାସ, ଅଧ୍ୟାପକ ଭୁବନ ମୋହନ ଜେନା, ଅଧ୍ୟାପକ କ୍ଷିତୀଶ କୁମାର ସିଂହ, ପରିବେଶବିତ୍ ହେମନ୍ତ କୁମାର ରାଉତ, ଅଶୋକ କୁମାର ସ୍ୱାଇଁ ପ୍ରମୁଖ କହିଛନ୍ତି, ଶିଳ୍ପ ବିହୀନ କେନ୍ଦ୍ରପଡ଼ା ଜିଲାର ଜଳ ଓ ବାୟୁକୁ ଶିଳ୍ପ ପ୍ରଦୂଷିତ କରୁଛି। ସେହିପରି ପ୍ଲାଷ୍ଟିକ ପ୍ରଦୂଷଣ ବିଶ୍ୱତାପନକୁ ବୃଦ୍ଧି କରୁଛି। ଏୟାର କ୍ୱାଲିଟି ଇଣ୍ଡେକ୍ସ (ଏକ୍ୟୁଆଇ) ଶୂନରୁ ୫୦ ମଧ୍ୟରେ ରହିଲେ ସର୍ବୋତ୍ତମ ଭାବେ ଧରାଯାଇ ଗ୍ରୀନ ଜୋନରେ ରଖାଯାଏ। ଏହି ଅଞ୍ଚଳରେ ବାୟୁ ପ୍ରଦୂଷଣ ନ ଥିବାରୁ ସ୍ୱାସ୍ଥ୍ୟ ସମସ୍ୟାର ଆଶଙ୍କା ନ ଥାଏ। ଏକ୍ୟୁଆଇ ୫୧ରୁ ୧୦୦ ମଧ୍ୟରେ ରହିଲେ ସାଟିସଫାକ୍ଟୋରି ଜୋନ ଓ ୧୦୧ରୁ ୨୦୦ ମଧ୍ୟରେ ରହିଲେ ମଡରେଟ୍‌ଲି ପଲ୍ୟୁଟେଡ ବା ୟେଲୋ ଜୋନ ମଧ୍ୟରେ ରଖାଯାଇଥାଏ। ଏହାପରେ ଅରେଞ୍ଜ ଜୋନ ଅଞ୍ଚଳ ରହୁଥିବାରୁ ବାହାର ଚଳାଚଳ ଉପରେ ସତର୍କତା ଅବଲମ୍ବନ କରିବାକୁ ପଡିଥାଏ। ୟେଲୋ ଜୋନ ଅଧୀନରେ ଥିବା ଅଧିବାସୀ ସାଧାରଣ ସୁସ୍ଥ ଲୋକ ମଧ ଚର୍ମ, ଆଜମା, ଟିବି, କିଡନୀ, ଲିଭର, କ୍ୟାନସର ଆଦି ରୋଗଗ୍ରସ୍ତ ହେବା ସମ୍ଭାବନା ଅଧିକ। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ୨୦୨୧ ରିପୋର୍ଟରେ ରାଜ୍ୟର କେତେଗୋଟି ଶିଳ୍ପାଞ୍ଚଳ ସହିତ କେନ୍ଦ୍ରାପଡ଼ାର ବାୟୁମଣ୍ଡଳକୁ ନିରୀକ୍ଷଣ କରାଯାଇଥିଲା। ଏଥିରେ କେନ୍ଦ୍ରାପଡ଼ାର ବାୟୁ ପ୍ରଦୂଷଣ ଦ୍ରୁତ ବେଗରେ ବଢୁଥିବା ରିପୋର୍ଟ ଆସିଛି। ଏହି ଜିଲାରେ ପ୍ରଦୂଷଣ ପାଇଁ କୌଣସି କାର୍ଯ୍ୟ ହେଉ ନ ଥିବା ବେଳେ ପଡୋଶୀ ଜିଲାର ଶିଳ୍ପ ଏହାକୁ ପ୍ରଦୂଷିତ କରୁଛି। ବ୍ରାହ୍ମଣୀ ଓ ମହାନଦୀ କୂଳରେ ଥିବା ଶିଳ୍ପାଞ୍ଚଳର ବର୍ଜ୍ୟବସ୍ତୁ ଜଳରେ ପ୍ରବାହିତ ହୋଇ କେନ୍ଦ୍ରାପଡ଼ା ମଧ ଦେଇ ସମୁଦ୍ରରେ ମିଶୁଛି। ସେହିପରି ଜିଲାର ଅତି ନିକଟରେ ଥିବା ଜଗତ୍‌ସିଂହପୁର, ଯାଜପୁର, କଟକ ଜିଲାର ଶିଳ୍ପରୁ ନିର୍ଗତ ରାସାୟନିକ ବାଷ୍ପ, ଧୂଆଁ, ନିର୍ଗତ ଧୂଳି ଆଦି କେନ୍ଦ୍ରାପଡ଼ାକୁ ଭାସି ଆସି ବାୟୁ ପ୍ରଦୂଷଣକୁ ବଢ଼ାଉଛି। ଏହି ବିଷାକ୍ତ ଜଳ ଓ ବାୟୁ ସାଧାରଣ ଜନଜୀବନକୁ ରୋଗଗ୍ରସ୍ତ କରୁଥିବା ବେଳେ ଚାଷ ପ୍ରଭାବିତ ହେଉଛି। ସେହିପରି ଭିତରକନିକା, ଜୈବ ବିବିଧତା, ବନ୍ୟ ଓ ସାମୁଦ୍ରିକ ପ୍ରାଣୀକୁ ନଷ୍ଟ କରୁଛି। ଏପରି କି ଭୂତଳ ଜଳରେ ନାଇଟ୍ରେଟ, ଆଇରନ, ଫ୍ଲୋରାଇଡ ଅଧିକ ପରିମାଣରେ ଥିବା ଗତ ମାର୍ଚ୍ଚ ମାସରେ ସେଣ୍ଟ୍ରାଲ ପଲ୍ୟୁସନ କଣ୍ଟ୍ରୋଲ ବୋର୍ଡ ରିପୋର୍ଟ ପ୍ରଦାନ କରିଛନ୍ତି। ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରୁ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ବାହାର କରିବା ସହ ବ୍ୟାପକ ଜଙ୍ଗଲ ସୃଷ୍ଟି ପାଇଁ ପରିବେଶବିତ୍‌ମାନେ ମତ ଦେଇଛନ୍ତି।


କେନ୍ଦ୍ରାପଡ଼ା ସହରର ସକାଳର ଦୃଶ୍ୟ ।



କେନ୍ଦ୍ରାପଡ଼ାର ଏୟାର କ୍ୱାଲିଟି ଇଣ୍ଡେକ୍ସ ସକାଳ ସାଢ଼େ ୫ଟା, ପୂର୍ବାହ୍ନ ସାଢ଼େ ୯ଟାର ସ୍ଥିତି ।

## ଅସୁରକ୍ଷିତ ଅବସ୍ଥାରେ ଟ୍ରାନ୍ସଫର୍ମର

**ଟିକିଟି,୧୦।୧୧(ଡି.ଏନ.ଏ.)**

ଟିକିଟି ବ୍ଲକ ନୂଆପଡା ଗ୍ରାମ ସରକାରୀ ଉଚ୍ଚ ବିଦ୍ୟାଳୟ ନିକଟରେ ଥିବା ଦୀର୍ଘ ବର୍ଷ ଧରି ଟ୍ରାନ୍ସଫର୍ମରଟି ଅସୁରକ୍ଷିତ ଅବସ୍ଥାରେ ରହିଛି। ଏହାର ଚାରିପଟେ ବାଡ଼ ନଥିବାରୁ ଧନଜୀବନ ନଷ୍ଟ ହେବାରେ ଆଶଙ୍କା ରହିଛି। କିଛିଦିନ ପୂର୍ବେ ଉକ୍ତ ଟ୍ରାନ୍ସଫର୍ମର ବିଦ୍ୟୁତ ଆଘାତରେ ମୃତ୍ୟୁ ଘଟିଥିବା ସ୍ଥାନୀୟ ବାସିନ୍ଦା କହିଛନ୍ତି। ଏହି ଟ୍ରାନ୍ସଫର୍ମର ନିକଟରେ ହରିଜନ ସାହିବସ୍ତି ରହିଥିବା ବେଳେ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ମଧ ଖେଳୁଛନ୍ତି। ଟ୍ରାନ୍ସଫରମର ଲାଗି ବିଭିନ୍ନ ପ୍ରକାର ପଶୁ ଓ ପ୍ରାଣୀ ଯାଉଥିବା ବେଳେ ଗୋରୁ ଘାସ ଚରୁଥିବା ଦେଖିବାକୁ ମିଳୁଛି। ସୁରକ୍ଷା ବ୍ୟବସ୍ଥା କରାଯାଉ ନ ଥିବାରୁ କୌଣସି ଅଘଟଣ ଘଟିବା ସମ୍ଭାବନା ରହିଛି। ଏଥିପ୍ରତି ଦୃଷ୍ଟି ଦେଇ ଉଚ୍ଚ ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ପଦକ୍ଷେପ ନେବାକୁ ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ଦାବି ହେଉଛି।


ଅସୁରକ୍ଷିତ ଅବସ୍ଥାରେ ଥିବା ଟ୍ରାନ୍ସଫର୍ମର ।

## ବିଭିନ୍ନ ବ୍ଲକରେ କଳାକାର ଚିହ୍ନଟ ଶିବିର

**ଭଞ୍ଜନଗର/ଧରାକୋଟ,୧୦।୧୧(ଡି.ଏନ୍.ଏ.)**

ଗଞ୍ଜାମ ଜିଲାରେ ବିଭିନ୍ନ ବ୍ଲକ ପ୍ରଶାସନ ପକ୍ଷରୁ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ଭତ୍ତା ପ୍ରଦାନ ଲାଗି କଳାକାର ଚିହ୍ନଟ ପ୍ରକ୍ରିୟା ଚାଲିଛି। ବେଲଗୁଣ୍ଠା ବ୍ଲକରେ ୧୧୮ ଜଣ ହିତାଧିକାରୀ ଚିହ୍ନଟ ହେବାକୁ ଥିବା ବେଳେ ୨୩୪ଟି ଆବେଦନ ଆସିଥିଲା। ଗୁରୁବାର ଉକ୍ତ ଆବେଦନଗୁଡିକର ବିଚାର ହୋଇଛି। କମିଟି ସମ୍ମୁଖରେ କଳାକାରମାନେ ନିଜ ନିଜର କଳା ପ୍ରଦର୍ଶନ କରିଥିଲେ। କମିଟିରେ କର୍ମକର୍ତ୍ତା ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ ନାୟକ, ବିଡିଓ ରୋଶନ ଶତପଥୀ, ଏବିଡିଓ ପୂର୍ଣ୍ଣଚନ୍ଦ୍ର ପାଢୀ, ବ୍ଲକ କଳାକାର ସଂଘ ଉପସଭାପତି ନିକୁଞ୍ଜ ବିହାରୀ ଖଣ୍ଡୁଆଳ, ପାଇଲିପଡା ହାଇସ୍କୁଲ ପ୍ରଧାନ ଶିକ୍ଷକ ଭାସ୍କର ଗୌଡ, ଏସଆଇ ନାରାୟଣ ନାୟକ, କଳାକାର ଭଞ୍ଜ ପ୍ରଧାନ ପ୍ରମୁଖଙ୍କ ଉପସ୍ଥିତିରେ ଯୋଗ୍ୟ କଳାକାର ଚିହ୍ନଟ ହୋଇଥିଲେ। ଶୁକ୍ରବାର ଭଞ୍ଜନଗର ବ୍ଲକ ସମ୍ମିଳନୀ କକ୍ଷରେ ଭଞ୍ଜନଗର ବ୍ଲକର କଳାକାର ଚିହ୍ନଟ ହେବେ ।

ସେହିପରି ଧରାକୋଟ ବ୍ଲକ ପ୍ରଶାସନ ତରଫରୁ କଳାକାର ଚିହ୍ନଟ ହୋଇଛନ୍ତି। ବିଡିଓ ଡେନିସ ବେହେରା, ଏବିଡିଓ ସୁଶିଲ ପଟ୍ଟନାୟକ, ବ୍ଲକ କଳାକାର ସଂଘ ସଭାପତି ପଣ୍ଡିତ ସୁରେନ୍ଦ୍ର ନାଥ ଦାସ, କଲ୍ୟାଣ ଅଧିକାରୀ ଅନିଲ କୁମାର ପ୍ରଧାନ ଓ ସମାଜ ସୁରକ୍ଷା ଅଧିକାରୀ ସଚିନ କୁମାର ପାତ୍ର ପ୍ରମୁଖ ଏହି ଶିବିରରେ ଉପସ୍ଥିତ ରହିଥିଲେ। ବ୍ଲକର ୧୮ଟି ପଞ୍ଚାୟତର ୧୧୫ ଜଣ କଳାକାର ଉପସ୍ଥିତ ଥିଲେ। ଏହି ଅବସରରେ ଭତ୍ତା ପାଉଥିବା ହିତାଧିକାରୀଙ୍କ ଜୀବନ ପ୍ରମାଣ ପାତ୍ର ଯାଞ୍ଚ କରାଯାଇଥିଲା । ଶିବିରରେ ସହାୟକ ଧୀରେନ୍ଦ୍ର କୁମାର ଗୌଡ଼ ଓ ବାବୁ ବେହେରା ସହାୟତା କରିଥିଲେ ।


ବେଲଗୁଣ୍ଠା ବ୍ଲକରେ ହିତାଧିକାରୀ ଚିହ୍ନଟ ଚାଲିଛି।

## ଛେଳିଗଡ଼ ପ୍ରକଳ୍ପ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ଲାଗି ଆରଡିସିଙ୍କୁ ଦାବିପତ୍ର

**ଆର.ଉଦୟଗିରି,୧୦।୧୧(ଡି.ଏନ.ଏ.)**

ଗଜପତି ଜିଲାର ଛେଳିଗଡ଼ ପ୍ରକଳ୍ପରେ ବୁଡି ଅଞ୍ଚଳର ପରିବାର ସମୂହ କ୍ଷତିପୂରଣ ଦାବିନେଇ ଦକ୍ଷିଣାଞ୍ଚଳ ଆରଡିସିଙ୍କୁ ଜଣାଇଛନ୍ତି। ୨୦୧୩ (ଏଲଏଆରଆର) ଧାରା ଅନୁସାରେ ଜମି ରାଶି ପ୍ରଦାନ ଓ ଥଇଥାନ କରିବା, ବର୍ତ୍ତମାନ ବଜାର ଦରରେ ଜମିର ଉଚିତ ମୂଲ୍ୟ ଦେବା, ସରକାରଙ୍କ ନିର୍ଦ୍ଧାରଣ ନିୟମ ୪-୧, ୪-୨, ୪-୩ ଅନୁସାରେ ପ୍ରତ୍ୟେକ ପରିବାରକୁ ପେମେଣ୍ଟ ନୋଟିସ ପ୍ରଦାନ କରିବା, ପୂର୍ବରୁ ଯେଉଁମାନେ ଏଲଏ/ଆରଏ ନେଇଛନ୍ତି ସେମାନଙ୍କୁ ରିଭାଇଜ ଦରରେ ଟଙ୍କା ଦେବା ଓ ସରକାରଙ୍କ ପ୍ରତିଶ୍ରୁତି ଅନୁସାରେ ୨ ଏକର ବଦଳରେ ୫ ଏକର ଜଳସେଚିତ ଉର୍ବର ଚାଷ ଜମି ପ୍ରଦାନ କରିବା ପାଇଁ ବୁଡି ଅଞ୍ଚଳ କ୍ଷତିଗ୍ରସ୍ତ ପରିବାର ତରଫରୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହା ପୂର୍ବରୁ ଛେଳିଗଡ ପ୍ରକଳ୍ପ ବିସ୍ଥାପିତ ଲୋକମାନେ ଏହାକୁ ବିରୋଧ କରୁଥିଲେ। ଏହି ପ୍ରକଳ୍ପର ସପକ୍ଷବାଦୀ ଲୋକମାନେ ବିରୋଧ କରୁଛନ୍ତି। ସେମାନଙ୍କ ଅଭିଯୋଗ, ସେମାନଙ୍କ ସରକାରଙ୍କ ନିୟମ ପ୍ରକାରେ ଆମକୁ ବିସ୍ଥାପିତ ଥଇଥାନ କ୍ଷତି, ପ୍ରକଳ୍ପରେ କ୍ଷତି ଜମି ଅଧିକରଣ କ୍ଷତି ଠିକ୍ ଭାବେ ଦେଉନଥିବା ଯୋଗୁ ଆମେ ପ୍ରକଳ୍ପ କାମ କରାଇଦେବୁ ନାହିଁ ବୋଲି ପ୍ରକଳ୍ପ ସପକ୍ଷବାଦୀ ସଭାପତି ଆଦିକନ୍ଦ ରଇତ ଓ ଗ୍ରାମର ଅନ୍ୟ ସଦସ୍ୟ ଅଭିଯୋଗ କରିଛନ୍ତି। ଏ ବିଷୟରେ ଛେଳିଗଡ ପ୍ରକଳ୍ପ ନିର୍ବାହୀ ଯନ୍ତ୍ରୀ ବୀରେନ୍ଦ୍ର କୁମାର ଜଗତ୍‌ଙ୍କ ସହ ଯୋଗାଯୋଗ କରିବାରୁ ସେ କହିଥିଲେ, ସରକାରଙ୍କ ନିୟମ ପ୍ରକାରେ ବିସ୍ଥାପିତଙ୍କୁ କ୍ଷତି ପୂରଣ ଦିଆଯାଇଛି। ଆଉ ସେମାନଙ୍କ ଯେଉଁ ଦାବି ରହିଛି ଏ ନେଇ ଆମ ତରଫରୁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଯାଇଛି। ଆସିଲେ ଯୋଗାଇ ଦିଆଯିବ।

## ବ୍ରେକ୍‌ଡ୍ୟାନ୍ସ ଦୋଳିରୁ ପଡ଼ି ଜଣେ ଗୁରୁତର

**ପୋଲସରା,୧୦।୧୧(ଡି.ଏନ.ଏ.)**

ପୋଲସରା ସହରରେ ଚାଲିଥିବା ଗୌରୀଆମ୍ମା ଯାତ୍ରା ଅବସରରେ ବିଭିନ୍ନ ଦୋଳି ପଡିଛି। ଗୁରୁବାର ବ୍ରେକ ଡ୍ୟାନ୍ସ ଦୋଳିରୁ ପଡି ବଛପଲି ଗ୍ରାମର ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି। ସେ ହେଲେ ପୂର୍ବତନ ସରପଞ୍ଚ ସ୍ୱର୍ଗତ ଅଞ୍ଜଳୀ ବେହେରାଙ୍କ ସ୍ୱାମୀ ପିତାମ୍ବର ବେହେରା। ଗୁରୁତର ଅବସ୍ଥାରେ ତାଙ୍କୁ ପୋଲସରା ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିଲା। ସେଠାରୁ ଅଧିକ ଚିକିତ୍ସା ଲାଗି ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

## ଡ୍ରାଗନ ଫଳ ଚାରାରୋପଣ କଲେ ଜିଲାପାଳ


ଜିଲାପାଳ ଡ୍ରାଗନ ଚାରା ରୋପଣ କରୁଛନ୍ତି ।

**ଫୁଲବାଣୀ ଅଫିସ, ୧୦।୧୧**

କନ୍ଧମାଳ ଜିଲାପାଳ ଆଶିଷ ଈଶ୍ୱର ପାଟିଲ ଗୁରୁବାର ଫିରିଙ୍ଗିଆ ବ୍ଲକ ଗସ୍ତରେ ଯାଇ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ତଦାରଖ କରିଛନ୍ତି । ଏହି ଅବସରରେ ସେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପକ୍ଷରୁ କଲାଡିରେ ଚାଲିଥିବା ଡ୍ରାଗନ ଫଳ ଚାଷ ବଗିଚାକୁ ଯାଇ ଚାରାରୋପଣ କରିଛନ୍ତି। ସେହିପରି ସାଡିଙ୍ଗିଆ ସ୍କୁଲକୁ ଯାଇ ସ୍ମାର୍ଟ ସ୍କୁଲ କାର୍ଯ୍ୟକ୍ରମ କିପରି ଚାଲିଛି ତାହାର ତଦାରଖ କରିଛନ୍ତି। ଏଥିସହ ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ସେବା ଦେଖିବା ସହ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନର କାର୍ଯ୍ୟ ଅଗ୍ରଗତି ଉପରେ ଅନୁଧ୍ୟାନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁରଙ୍କ ସମେତ ଅନ୍ୟମାନେ ସାମିଲ ଥିଲେ।

## ବାର୍‌ହା ମାଂସ ବିକ୍ରି ଅଭିଯୋଗ, ୨ ଗିରଫ

**ଆସିକା,୧୦।୧୧(ଡି.ଏନ.ଏ)**

ଆସିକା ବନାଞ୍ଚଳର ଧରାକୋଟ ସେକ୍ସନ ଓ ବଡଗଡ ଥାନା ଅନ୍ତର୍ଗତ ଆଠଘରିଆ ଗ୍ରାମରେ ବୁଧବାର ବାରହା ମାଂସ ବିକ୍ରି କରୁଥିବା ୨ ଜଣଙ୍କୁ ବଡଗଡ ପୋଲିସ ଗିରଫ କରିଛି। ଏଥିସହ ସେଠାରୁ ବାରହାର ୪ଟି ଗୋଡ ଓ ୩୦ ଖଣ୍ଡ ଛାଲ ଜବତ କରି ବନ ବିଭାଗକୁ ହସ୍ତାନ୍ତର କରିଛି । ଖବରପାଇ ଧରାକୋଟ ସେକ୍ସନ ବନପାଳ ଅକ୍ଷୟ କୁମାର ତ୍ରିପାଠୀ ଓ ବନରକ୍ଷୀ ଚୁମୁକି ନାୟକ ଘଟଣାସ୍ଥଳରେ ପହଞ୍ଚି ଥିଲେ । ଅଭିଯୁକ୍ତମାନେ ହେଲେ ପ୍ରତାପପୁର ଗ୍ରାମର ରତ୍ନାକର ବିଶୋୟୀ ଓ ଆଠଘରିଆ ଗ୍ରାମର ଦିଲୀପ ସେଠୀ। ସେମାନଙ୍କ ବିରୋଧରେ ଆସିକା ନଂ.୧୪୮/୨୨ରେ ଏକ ମାମଲା ରୁଜୁ କରାଯାଇ ଗୁରୁବାର କୋର୍ଟ ଚାଲାଣ କରାଯାଇଥିବା ବନାଞ୍ଚଳ ଅଧିକାରୀ ପ୍ରମୋଦ କୁମାର ପଣ୍ଡା ସୂଚନା ଦେଇଛନ୍ତି।

## ପ୍ରକାଶ ଭଞ୍ଜନଗର ଆର୍‌ସିଏମ୍‌ଏସ୍ ସଭାପତି ନିର୍ବାଚିତ

**ଭଞ୍ଜନଗର,୧୦।୧୧(ଡି.ଏନ୍.ଏ.)**

ଭଞ୍ଜନଗର ବ୍ଲକ କୁଲାଡ଼ର ପୂର୍ବତନ ବିଜେଡ଼ି ସମର୍ଥିତ ସରପଞ୍ଚ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ ଗୁରୁବାର ଭଞ୍ଜନଗର ଆର୍‌ସିଏମଏସ (ଆଞ୍ଚଳିକ ସମବାୟ ବଜାର ସମିତି)ର ସଭାପତି ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଗୁରୁବାର ଜିଲୁଣ୍ଡି ସ୍ଥିତ କାର୍ଯ୍ୟାଳୟରେ ପ୍ରକାଶ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ତେବେ ନିର୍ଦ୍ଧାରିତ ସମୟ ମଧ୍ୟରେ ଆଉ କେହି ପ୍ରାର୍ଥୀପତ୍ର ଦାଖଲ ନ କରିବାରୁ ପ୍ରକାଶ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ଘୋଷଣା କରାଯାଇଥିଲା। ନିର୍ବାଚନରେ ଭଞ୍ଜନଗର, ବେଲଗୁଣ୍ଠା, ଜଗନ୍ନାଥପ୍ରସାଦ ଏବଂ ବୁଗୁଡ଼ା ବ୍ଲକର ୧୫ ଜଣ ନିର୍ଦ୍ଦେଶକ ଭାଗ ନେଇଥିଲେ। ପୂର୍ବରୁ ନିର୍ବାଚିତ ୧୫ନିର୍ଦ୍ଦେଶକଙ୍କ ମଧ୍ୟରୁ ୧୪ ଜଣ ବିଜେଡ଼ି ସମର୍ଥିତ ଥିବା ବେଳେ ଜଣେ ଭାଜପା ସମର୍ଥିତ। ପ୍ରକାଶ ସଭାପତି ନିର୍ବାଚିତ ହେବା ପରେ ତାଙ୍କୁ ଭଞ୍ଜନଗର ବ୍ଲକ ବିଜେଡ଼ି ସଭାପତି ରାଜେନ୍ଦ୍ର ପ୍ରସାଦ ପ୍ରଧାନ, ପୂର୍ବତନ ଆସିକା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ବୀରେନ୍ଦ୍ର କେଶରୀ ଆରୁଖ ପ୍ରମୁଖ ସ୍ୱାଗତ କରିଥିଲେ। ସୂଚନାଯୋଗ୍ୟ, ସ୍ଥାଣୁ ଅବସ୍ଥାରେ ଥିବା ଭଞ୍ଜନଗର ଆର୍‌ସିଏମଏସକୁ ସରକାର ଯଦି ସ୍ୱତନ୍ତ୍ର ଅନୁଦାନ ଦେବେ ତେବେ ଏହାର ପୁନରୁଦ୍ଧାର ହୋଇପାରିବ। ସମିତି ଅଧୀନରେ ୪ ଏକର ଜମିରେ ଜିଲୁଣ୍ଡି ଠାରେ ହୋଇଥିବା ବିରାଟ ଧାନକଳ ୧୦ ବର୍ଷ ହେବ ବନ୍ଦ ପଡିଛି। ଏଥିସହ ସମିତିର ବ୍ରହ୍ମପୁର, ବେଲଗୁଣ୍ଠା ସମେତ ଜିଲୁଣ୍ଡିରେ ଅନେକ ମୂଲ୍ୟବାନ ଜମି ଥିଲେ ମଧ୍ୟ ଅଧିକାଂଶ ଜବରଦଖଲକାରୀଙ୍କ କବଳରେ। ନୂତନ ସଭାପତି ପ୍ରକାଶ ସରକାରଙ୍କ ସହ ସମନ୍ୱୟ ରକ୍ଷା କରି କିଛି ପଦକ୍ଷେପ ନେଲେ ସମିତିର ଉନ୍ନତି ହୋଇପାରିବ।


ନବ ନିର୍ବାଚିତ ସଭାପତିଙ୍କୁ ସ୍ୱାଗତ କରାଯାଉଛି।

## ଶେରଗଡ଼ରେ ଡାକମେଳା



ପୁରସ୍କୃତ ହୋଇଥିବା ପୋଷ୍ଟମାଷ୍ଟର ଓ ଅତିଥିମାନେ ।

**ଶେରଗଡ,୧୦।୧୧(ଡି.ଏନ୍.ଏ.)**

ଡାକ ସେବା ବହୁ ପୁରାତନ। ଏହାର ବିଶ୍ୱାସନୀୟତା ଯୋଗୁ ଆଜିବି ବହୁ ଲୋକ ଡାକଘରେ ଜମାଖାତା ଖୋଲିବାକୁ ଆଗ୍ରହ ରଖୁଛନ୍ତି। ଏହି ପରିପ୍ରେକ୍ଷୀରେ ଡାକ ବିଭାଗ ମଧ ବିଭିନ୍ନ ଯୋଜନାକୁ ପ୍ରଚାରପ୍ରସାର କରିବାକୁ ଡାକମେଳା ଆୟୋଜନ କରୁଛି। ଶେରଗଡ ପାଢ଼ୀ ସାହି କୋଠଘରେ ଗୁରୁବାର ଡାକମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆସିକା ମଣ୍ଡଳ ନିରୀକ୍ଷକ ଗୋପେଶ ଦାଶ ଅଧ୍ୟକ୍ଷତା କରିଥିଲେ। ସହକାରୀ ନିରୀକ୍ଷକ ଭାଗ୍ୟଧର ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ସରପଞ୍ଚ ବି.ଚେଇନ ପାତ୍ର, ବରିଷ୍ଠ ଏଜେଣ୍ଟ ସୀତାରାମ ପଟ୍ଟନାୟକ, ଅନୁନୀରିକ୍ଷକ ଦିଲୀପ କୁମାର ବାଗଚି ଯୋଗଦେଇ ପ୍ରତି ଗ୍ରାମକୁ ସୁକନ୍ୟା ଗ୍ରାମରେ ପରିଣତ କରିବା,ଡାକ ବୀମା ଅଧିକରୁ ଅଧିକ କରିବା, ପ୍ରତି ଗ୍ରାମ୍ୟ ପୋଷ୍ଟମାଷ୍ଟର ନିଜ ନିଜ ଶାଖାରେ ଉପସ୍ଥିତ ରହି ଅଧିକ ଖାତା ଖୋଲିବା ସହ ଆସିକା ଡାକ ଡିଭିଜନକୁ ଏକ ନମ୍ବର କରିବାକୁ କହିଥିଲେ। ଏହି ଅବସରରେ ଅଧିକ ଡାକ ବୀମା କରିଥିବା ୭ଜଣ ପୋଷ୍ଟମାଷ୍ଟରଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଛି। ଗୋଟିଏ ମାସରେ ବହୁତ ଖାତା ଖୋଲାଇଥିବା ପୋଷ୍ଟମାଷ୍ଟର ଅଶୋକ ସାବତଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି, ସେହିପରି ଜନସେବା କେନ୍ଦ୍ର କାର୍ଯ୍ୟରେ ରମେଶ ଚନ୍ଦ୍ର ପଟନାୟକଙ୍କୁ ପୁରସ୍କାର ଦିଆଯାଇଥିଲା। ଆସିକା ଡାକ ମଣ୍ଡଳ ପକ୍ଷରୁ ଆୟୋଜିତ ମେଳାରେ ମୋଟ ୧୬ ଜଣ ପୋଷ୍ଟମାଷ୍ଟରଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଥିଲା।

## ଗଜପତି ଜିଲାସ୍ତରୀୟ ମାଣ୍ଡିଆ ଦିବସ

**ପାରଳାଖେମୁଣ୍ଡି,୧୦।୧୧(ଡି.ଏନ୍.ଏ.)**

ଗଜପତି ଜିଲାସ୍ତରୀୟ ମାଣ୍ଡିଆ ଦିବସ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଲିଙ୍ଗରାଜ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ତାଙ୍କ ବକ୍ତବ୍ୟରେ ଜିଲାର ସମସ୍ତ ବ୍ଲକରେ ଉନ୍ନତମାନର ମାଣ୍ଡିଆ ଚାଷ ଚାଷ ହେଉଛି, ତେଣୁ ଏହି ଅର୍ଥକାରୀ ଫସଲ ଚାଷ କରି ଲାଭବାନ ହେବାକୁ ଚାଷୀମାନଙ୍କୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ମୁଖ୍ୟ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼ା.ଗିରିଶ କୁମାର ମହାନ୍ତି, ପ୍ରକଳ୍ପ ନିର୍ଦ୍ଦେଶକ ଜଳ ବିଭାଜିକା ସୁରେଶ କୁମାର ପଟ୍ଟନାୟକ ଓ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ.ସଂଗ୍ରାମ ପରମଗୁରୁ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଥମ ମାଣ୍ଡିଆ ଦିବସ ପାଳନର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଜିଲା କୃଷି ଅଧିକାରୀ କୈଳାସ ବେହେରା ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ମାନିତ ଅତିଥିମାନେ ମାଣ୍ଡିଆରେ ପୁଷ୍ଟିସାର ଓ ଅନେକ ଭିଟାମିନ ଥିବା ସମ୍ପର୍କରେ କହିଥିଲେ। ମୋହନା ବ୍ଲକ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନଙ୍କ ଦ୍ୱାରା ମିଲେଟ ଜଳଖିଆ ପ୍ରସ୍ତୁତ କରି ବିକ୍ରି କରୁଛନ୍ତି। ସନଖଣି ସ୍କୁଲର ୩୨୦ ଛାତ୍ରଛାତ୍ରୀଙ୍କୁ ଜଳଖିଆ ଯୋଗାଇବାକୁ ବି ସକ୍ଷମ ହୋଇଛନ୍ତି। ଏଣୁ ଏହି ଭିକ୍ଟୋରିଆ ସ୍ୱୟଂ ସହାୟକ ଗୋଷ୍ଠୀକୁ ଜିଲା ପ୍ରଶାସନ ତରଫରୁ ଶ୍ରେଷ୍ଠ ପୁରସ୍କାର ପ୍ରଦାନ କରାଯାଇଛି। ସେହିପରି ଜିଲାର ସର୍ବୋତ୍ତମ କୃଷକ ଭାବେ ଗୁମ୍ମା ବ୍ଲକର ଆୟମନି ଭୂୟାଁ, ଜିକେଲ ମଣ୍ଡଳ, ରାୟଗଡ ବ୍ଲକର ଯାଇଶ୍ୟ ଶବର, ମୋହନା ବ୍ଲକର କାଲୁ ଚରଣ ପାଇକ, ଆର୍, ଉଦୟଗିରି ବ୍ଲକର ନକୁଳ ବଡ଼ରଇତଙ୍କୁ ସମ୍ମାନିତ କରାଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା କୃଷି ଅଧିକାରୀ ଆରନିଆସ ପ୍ରଧାନ, ସଂଘମିତ୍ରା ପ୍ରଧାନ, ଶୁଭଶ୍ରୀ ପ୍ରିୟଦର୍ଶିନୀ, କେ. ସୁରଜ କୁମାର ପାତ୍ର, ଜିଲା ପରିଚାଳନା ଅଧକ୍ଷ, ମିଲଟ ମିଶନ ସୁଶ୍ରୀ ଦୀପିକା ପାଢ଼ୀ, ଜିଲ୍ଲା ପ୍ରକଳ୍ପ ପରିଚାଳକ, ମିଲଟ ମିଶନ ସାକ୍ଷୀ ଯାମିନି ପ୍ରମୁଖ ଉପସ୍ଥିତ ଥିଲେ । ଜିଲାର ୭ଟି ବ୍ଲକରୁ ୨୫୦ରୁ ଉର୍ଦ୍ଧ ମାଣ୍ଡିଆ ଚାଷୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।


ଜଣେ ଚାଷୀଙ୍କୁ ଅତିଥିମାନେ ସମ୍ମାନିତ କରୁଛନ୍ତି।